୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.205 Bhubaneswar Sunday September 22 2024 | ୨୬ତମ ବର୍ଷ ସଂଖ୍ୟା-୨୦୫ ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୨୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ସେନା ଅଫିସରଙ୍କୁ ନିର୍ଯାତନା: ତଦନ୍ତ କ୍ରାଇମବ୍ରାଂଚ୍ କରୁଛି, କମିଶନରେଟ ପୁଲିସର ଏ ପ୍ରହସନ କାହିଁକି, ଚାପ ପକାଇବାକୁ ପ୍ରୟାସ କି ?



ଭୁବନେଶ୍ୱର, ୨୧।୯(ପି.ଏନ): ଭରତପୁର ଥାନାରେ ଭାରତୀୟ ସେନାର ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କୁ ପୁଲିସର ଅମାନବୀୟ ନିର୍ଯାତନା ଅଭିଯୋଗ ସମଗ୍ର ଦେଶରେ ଚାଂଚଲ୍ୟ ସୃଷ୍ଟି କରିଛି । ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ ଏବେ ଓଡିଶା ପୁଲିସର କ୍ରାଇମବ୍ରାଂଚ୍ କରୁଥିବାବେଳେ ଏହାକୁ ନୂଆମୋଡ ଦେବାକୁ ଆଜି କମିଶନରେଟ ପୁଲିସ୍ ପକ୍ଷରୁ ସୁଚିନ୍ତିତ ପ୍ରୟାସ କରାଯାଇଛି। କମିଶନରେଟ ପୁଲିସର ବରିଷ୍ଠ ଏସିପି, ଇନ୍ସପେକ୍ଟର, ସବଇନ୍ସପେକ୍ଟରଙ୍କଠୁ ଆରମ୍ଭ କରି ଶତାଧିକ ପୁଲିସ ଅଫିସର ଆଜି ଭୁବନେଶ୍ୱରର ରିଜର୍ଭ ପଡିଆଠାରେ ଏକଜୁଟ ହୋଇ ନିଜ ଫୋର୍ସର ମୁଖ୍ୟ(ପୁଲିସ ଡିଜି)ଙ୍କ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଛନ୍ତି । ଆଉ କ୍ରାଇମବ୍ରାଂଚ୍ ତଦନ୍ତ ପ୍ରକ୍ରିୟା ଜାରି ରହିଥିବାବେଳେ ନିଲମ୍ବିତ ଥାନା ଅଫିସରମାନଙ୍କ ସମର୍ଥନରେ ଆଗକୁ ଆସି ତଦନ୍ତକୁ ବାଟବଣା କରିବା ନିମନ୍ତେ କମିଶନରେଟ ପୁଲିସ ଚାପ ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି । ଏହି ସମସ୍ତ ଘଟଣାରେ ଆରମ୍ଭରୁ ଭରତପୁର ଥାନା ଅଫିସର ଓ କର୍ମଚାରୀଙ୍କ ସପକ୍ଷରେ ଯୁକ୍ତି ବାଢ଼ି ଆସୁଥିବା ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ଓ ପୁଲିସ କମିଶନର ସଞ୍ଜିବ ପଣ୍ଡାଙ୍କ ଭୂମିକା ସନ୍ଦେହଘେରରେ ଥିବାବେଳେ ରାଜ୍ୟ ସରକାର କାହିଁକି ନିରପେକ୍ଷ ତଦନ୍ତ ନିମନ୍ତେ ଆଖିଦୃଶିଆ ପଦକ୍ଷେପ ନେଉନାହାନ୍ତି ତାକୁ ନେଇ ପ୍ରଶ୍ନ ଉଠିଲାଣି ।ରୋଡ୍ ରୋମିଓଙ୍କ ଦୁର୍ବ୍ୟବହାର ବିରୁଦ୍ଧରେ ୧୫ତାରିଖ ମଧ୍ୟରାତ୍ରିରେ ସହାୟତା ଲୋଡିବାକୁ ଭରତପୁର ଥାନାକୁ ଯାଇଥିବା ଭାରତୀୟ ସେନାର ମେଜର ଗୁରୁବଂଶ ସିଂ ଓ ତାଙ୍କ ବାନ୍ଧବୀଙ୍କ ସହ ପୁଲିସର ଅମାନବୀୟ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା କରି ଭୁବନେଶ୍ୱରରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରତିବାଦର ସ୍ୱର ଶାଣିତ ହେବାରେ ଲାଗିଛି । ଭାରତୀୟ ସେନା ଏହି ଘଟଣାର ନିରପେକ୍ଷ ତଦନ୍ତ ଦାବି କରି ନିଜଆଡୁ ମାମଲା ରୁଜୁ ପାଇଁ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖି ଅନୁରୋଧ କରିସାରିଛି । ଏହାସହିତ ପୁଲିସ ଡିଜିଙ୍କୁ ମଧ୍ୟ ଚିଠି ଲେଖି ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ଜାତୀୟ ମହିଳା କମିଶନ ମଧ୍ୟ ପୁଲିସ ଡିଜିଙ୍କୁ ରିପୋର୍ଟ ମାଗିଛନ୍ତି । ଏହି ଘଟଣାରେ ବୁଦ୍ଧିଜୀବୀମାନଙ୍କୁ ସ୍ତବ୍ଧ କରିଛି । କଂଗ୍ରେସ, ବିଜେଡି ଓ ଅନ୍ୟ ରାଜନୀତିକ ଦଳଗୁଡିକ ମଧ୍ୟ ଏହି ଘଟଣାରେ ସେନା ଅଫିସର ଓ ତାଙ୍କ ବାନ୍ଧବୀଙ୍କ ପ୍ରତି ପୁଲିସର ବର୍ବରକାଣ୍ଡକୁ ନିନ୍ଦା କରି ବିଚାରବିଭାଗୀୟ ତଦନ୍ତ ଦାବି କରିଛନ୍ତି । ଏପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘଟଣାର କ୍ରାଇମବ୍ରାଂଚ୍ ତଦନ୍ତ ଜାରି ରହିଛି ଓ ତଦନ୍ତ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୁଦ୍ଧରେ ଦୃ? କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଶ୍ୱସ୍ତ କରିବା ସହ ସରକାର ୫ଜଣ ପୁଲିସ ଅଫିସରଙ୍କୁ ନିଲମ୍ବନ କରିଥିବା କହିଛନ୍ତି ।

## ‘ସୁଭଦ୍ରା’ ପାଇଁ ୫୦ ଟଙ୍କା ନେଇ ବନ୍ଧା ହେଲେ ଜନସେବା କେନ୍ଦ୍ର ମାଲିକ



ଭୁବନେଶ୍ୱର, ୨୧।୯(ପି.ଏନ): ‘ସୁଭଦ୍ରା’ ଫର୍ମ ପୂରଣ ପାଇଁ ମହଳାଙ୍କଠାରୁ ୫୦ ଟଙ୍କା ନେବା ମହଙ୍ଗା ପଡିଲା। ବନ୍ଧା ହେଲେ ଜନସେବା କେନ୍ଦ୍ର ମାଲିକ। ରାଉରକେଲା ପ୍ଲାଣ୍ଟ ସାଇଡ୍? ଥାନା ପୁଲିସ୍ ଜନସେବା କେନ୍ଦ୍ର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।ରାଉରକେଲା ମଧୁସୂଦନ ଛକରେ ରହିଛି ଗ୍ଲୋବାଲ୍ ଇଣ୍ଟରନେଟ୍? ସେଣ୍ଟର ନାମକ ଏକ ଜନସେବା କେନ୍ଦ୍ର। ସେହି ଜନସେବା କେନ୍ଦ୍ରର ମାଲିକ ହେଉଛନ୍ତି ବିଜୟ ସାହୁ। ଅଭିଯୋଗ ଅନୁସାରେ ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନା ‘ସୁଭଦ୍ରା’ ଫର୍ମ ପୂରଣ ପାଇଁ ସେ ମହିଳାଙ୍କଠାରୁ ୫୦ ଟଙ୍କା ଲେଖାଏଁ ନେଉଥିଲେ। ଏନେଇ ରାଉରକେଲା ପ୍ଲାଣ୍ଟ ସାଇଡ୍ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୁଲିସ୍ ମାମଲା ରୁଜୁ କରି ଜନସେବା କେନ୍ଦ୍ର ମାଲିକ ବିଜୟ ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ସୂଚନା ଦେଇଛନ୍ତି ରାଉରକେଲା ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ର।

## ଯୁବତୀଙ୍କ ମୃତଦେହକୁ ୩୦ ଖଣ୍ଡ କରି ଫ୍ରିଜରେ ରଖିଥିଲେ



ଭୁବନେଶ୍ୱର, ୨୧।୯(ପି.ଏନ): ଫ୍ରିଜ ଭିତରୁ ମିଳିଲା ଜଣେ ୨୬ ବର୍ଷୀୟ ଯୁବତୀଙ୍କ ଖଣ୍ଡବିଖଣ୍ଡିତ ମୃତଦେହ। ମୃତଦେହକୁ ୩୦ ଖଣ୍ଡ କରି ଫ୍ରିଜ ଭିତରେ ରଖାଯାଇଥିଲା। ବେଙ୍ଗାଲୁରୁର ଭୟାଲିକାଭାଲ ଠାରେ ଥିବା ଗୋଟିଏ ଆପାର୍ଟମେଣ୍ଟରେ ଏପରି ଘଟଣା ଘଟିଛି ।ଏଠାରେ ଥିବା ଆପାର୍ଟମେଣ୍ଟର ଗୋଟିଏ ରୁମ ଭିତରୁ ଦୁର୍ଗନ୍ଧ ବାହାରୁଥିଲା। ତେଣୁ ପଡ?ଶୀମାନେ ଏହାର ଯାଞ୍ଚ କରିବାକୁ ପୁଲିସ୍?କୁ ଡାକିବା ପରେ ପୂରା ଘଟଣା ସାମ୍ନାକୁ ଆସିଛି।

## ୮୫ ଗ୍ରାମ ବ୍ରାଉନ୍ ସୁଗାର ଜବତ, ଦୁଇ ଗିରଫ

ସାଲେପୁର, ୨୧।୯(ପି.ଏନ): ଦିନକୁ ଦିନ ବ୍ରାଉନ୍ ସୁଗାର ବେପାରୀଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବାରେ ଲାଗିଛି । ଏହା ପୋଲିସଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି । ନିକଟରେ ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସାଲେପୁରରେ । ହରିଚନ୍ଦନପୁର ବ୍ୟାରେଜ୍ ନିକଟରୁ ବ୍ରାଉନ୍ ସୁଗାର ଜବତ କରାଯାଇଛି । ଖବର ପାଇ ଅବକାରୀ ବିଭାଗ ଟିମ୍ ଓ ପୋଲିସର ମିଳିତ ଚ?ଉ କରି ପ୍ରାୟ ୮୭ ଗ୍ରାମ ବ୍ରାଉନ୍ ସୁଗାର ଜବତ କରିଥିଲେ । ଏଥିରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରିଛି ପୋଲିସ ।

## ମୁଖ୍ୟମନ୍ତ୍ରୀ ହେବା ପରେ କେଜ୍ରିୱାଲଙ୍କ ପାଦ ଛୁଇଁଲେ ଆତିଶୀ



ଭୁବନେଶ୍ୱର, ୨୧।୯(ପି.ଏନ): ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଆଜି ଆପ୍ ନେତ୍ରୀ ଆତିଶୀ ଶପଥ ନେଇଛନ୍ତି। ସେ ଦିଲ୍ଲୀର ଅଷ୍ଟମ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ତାଙ୍କ ସହ କ୍ୟାବିନେଟର ଅନ୍ୟ ପାଞ୍ଚ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ଉପରାଜ୍ୟପାଳ ବିନୟ କୁମାର ସକ୍‌ସେନା ମୁଖ୍ୟମନ୍ତ୍ରୀଙ୍କ ସମେତ କ୍ୟାବିନେଟ ମନ୍ତ୍ରୀଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଛନ୍ତି ।ତେବେ ଶପଥ ପାଠ ପରେ ଗୋଟିଏ ରୋଚକ ଦୃଶ୍ୟ ସାମ୍ନାକୁ ଆସିଛି। ଆତିଶୀ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ଆପ୍‌ର ଆବାହକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ପାଦ ଛୁଇଁ ଆଶୀର୍ବାଦ ନେଇଛନ୍ତି। ଏହାର ଦୃଶ୍ୟ ମଧ୍ୟ କ୍ୟାମେରାରେ କଏଦ ହୋଇଛି। ଶପଥ ପାଠ ସମୟରେ ଷ୍ଟେଜ ସାମ୍ନାରେ କେଜ୍ରିୱାଲଙ୍କ ସମେତ ଅନ୍ୟ ଅତିଥିମାନେ ବସିଥିଲେ।

## ଆଧାର କାର୍ଡ ନଥିବା ଲକ୍ଷାଧିକ ହିତାଧିକାରୀଙ୍କ କଟିଯିବ ରାସନ କାର୍ଡ !

ଭୁବନେଶ୍ୱର, ୨୧।୯(ପି.ଏନ): ରାସନ କାର୍ଡ ପାଇଁ ଇ-କେୱାଇସି ସରକାର ବାଧ୍ୟତାମୂଳକ କରିଥିବା ବେଳେ ଆଧାର କାର୍ଡ ନଥିବା ଲକ୍ଷାଧିକ ହିତାଧିକାରୀ ଏଥିରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ଅନେକ ଲୋକଙ୍କ ବାୟୋମେଟ୍ରିକ ହୋଇ ପାରି ନଥିବାରୁ ଆଗକୁ ରାସନ ମିଳି ନପାରେ ବୋଲି ଅନେକ ଆଶଙ୍କା କଲେଣି । ଏହି ସମୟରେ ଯୋଗ୍ୟ ହିତାଧିକାରୀଙ୍କ ସପକ୍ଷରେ ବାହାରିଛି ଲୋକଶକ୍ତି ଅଭିଯାନ ଓ ଓଡିଶା ଖାଦ୍ୟ ଅଧିକାର ଅଭିଯାନ । ରାସନ କାର୍ଡ ସହିତ ଆଧାର କାର୍ଡକୁ ଯୋଡିବା ଯୋଗୁଁ ଲକ୍ଷାଧିକ ହିତାଧିକାରୀ ରାସନରୁ ବଞ୍ଚିତ ହେବେ ବୋଲି ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା ଅଭିଯୋଗ କରିଛନ୍ତି । ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେ ଦାବି କରିଛନ୍ତି ।ସମସ୍ୟାରେ ଛନ୍ଦି ହୋଇପଡିଛନ୍ତି ଗରିବ । ସୁଭଦ୍ରା ଯୋଜନା ସାଙ୍ଗକୁ ରାସନ କାର୍ଡରେ ଇ-କେୱାଇସି ବ୍ୟବସ୍ଥା ଗରିବଙ୍କୁ ଦେଉଛି ଡିଜିଟାଲ ଯନ୍ତ୍ରଣା । ଯେଉଁମାନଙ୍କ ଆଧାର କାର୍ଡ ନାହିଁ କି ବାୟୋମେଟ୍ରିକ ବ୍ୟବସ୍ଥା ନାହିଁ, ସେମାନେ ରାସନ ପାଇବାରୁ ବଞ୍ଚିତ ହେବେ । ୨୦୨୨ରେ ହାଇକୋର୍ଟ ଏମାନଙ୍କ ସପକ୍ଷରେ ରାୟ ଦେବା ପରେ ତତ୍କାଳୀନ ନବୀନ ସରକାର ଏମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରିଥିଲେ । ହେଲେ ଏବେ ସରକାର ବଦଳିବା ପରେ ବଦଳିଗଲା ନିଷ୍ପତ୍ତି । ଇ-କେୱାଇସି ବାଧ୍ୟତାମୂଳକ ହୋଇଥିବା ବେଳେ ୧ ଲକ୍ଷ ୪୭ ହଜାର ଲୋକ ଏଥିରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ।

## ଆସୁଛି ଆଉ ଏକ ଲଘୁଚାପ: ୨୩ରୁ ୨୫ ପ୍ରବଳ ବର୍ଷା !

ଭୁବନେଶ୍ୱର, ୨୧।୯(ପି.ଏନ): ଆସୁଛି ଆଉ ଏକ ଲଘୁଚାପ। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଓ ତା’ ଆଖପାଖ ଅଞ୍ଚଳରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଯାହା ଆସନ୍ତା ୨୩ ତାରିଖ ସୁଦ୍ଧା ଲଘୁଚାପର ରୂପ ନେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବଢିବ ବର୍ଷାର ପରିମାଣ। ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର କେତେକ ଜିଲ୍ଲାରେ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ୨୩ ତାରିଖରେ କେତେକ ସ୍ଥାନରେ ଗଞ୍ଜାମ, ଗଜପତି, ରାୟଗଡା, ମାଲକାନଗିରି ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ୭ରୁ ୧୧ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହାଛଡା ବଜ୍ରପାତ ସହ ଘଡଘଡି ହେବ। ସେଥିପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।










# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନି ସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେନ୍ସିଲଭେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବେସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୨୨

# ପୁଣି ଥରେ ହେଉ ସର୍ଜିକାଲ ଷ୍ଟ୍ରାଇକ



ଆଶୁତୋଷ ନାୟକ

ଏକବିଂଶ ଶତାବ୍ଦୀରେ ଆତଙ୍କବାଦ ଏକ ଗମ୍ଭୀର ସମସ୍ୟା ଭାବେ ଦଣ୍ଡାୟମାନ । ବିଶ୍ୱ ବ୍ୟାପି ସମସ୍ୟା ଭାବେ ଏହା ଉଭା ହୋଇଛି । ଆନ୍ତର୍ଜାତୀୟ ଶାନ୍ତି ଏବଂ ନିରାପତ୍ତା ପାଇଁ ଏହା ମୁଖ୍ୟ ପ୍ରତିବନ୍ଧକ । ଆତଙ୍କବାଦୀଙ୍କ ମୁଖ୍ୟ ଲକ୍ଷ୍ୟ ନିଜର ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଧ୍ୱଂସର ତାଣ୍ଡବଲୀଳା ରଚିବା ଏବଂ ହିଂସା ମାଧ୍ୟମରେ ବର୍ବରତା ଓ ନିଷ୍ଠୁରତାର ସହ ନିରୀହ ମନୁଷ୍ୟଙ୍କୁ ହତ୍ୟା କରିବା । ଆତଙ୍କବାଦୀ ମାନେ ସମଗ୍ର ମାନବ ଜାତି ପାଇଁ କଳଙ୍କ । ସେମାନଙ୍କ ପାଖରେ ମନୁଷ୍ୟତ୍ୱ ନଥାଏ । ଆତଙ୍କବାଦୀଙ୍କ ପାଖରେ କୌଣସି ମାନବୀୟ ଗୁଣ ନଥାଏ ।ଦୟା, କ୍ଷମା, ସହନଶୀଳତା,ସାଧୁତା, ନମ୍ରତା, ଭଳି ମହନୀୟ ଗୁଣ ତାଙ୍କ ପାଖରେ ଆଶା କରିବା ସୈତାନର ବେଦ ପାଠ ସଦୃଶ । ଆତଙ୍କବାଦର ଫରାସୀ ଶବ୍ଦ 'ଟେରୋରିଜମେ ' ଯାହା ଲାଟିନ କ୍ରିୟା ଟେରେରେ ରୁ ଆସୁଅଛି । ହିଂସା ହୁଏ ତାର ଅଳଙ୍କାର । ଏହି ଆତଙ୍କବାଦ ଭାରତବର୍ଷ ତଥା ସମଗ୍ର ବିଶ୍ୱର ଅନେକ ଦେଶକୁ କବଳିତ କରିଛି ।ଏହିଭଳି ପରିସ୍ଥିତିକୁ ଲକ୍ଷ୍ୟ କରି କୁହାଯାଇଛି ।'ମାନବ ପିଶାଚ୍ କରିଅଛି ଆଜି ଭାରତ ମାକୁ ବନ୍ଦୀ କେତେ ନରହନ୍ତା କରନ୍ତି ତାଣ୍ଡବ ନେତ୍ରରେ ପୁଟୁଳୀ ବାନ୍ଧି 'ମୁମ୍ବାଇର ୨୬/୧୧ ଆତ୍ମଘାତୀ ଆକ୍ରମଣରେ ୨୫୦ରୁ ଅଧିକ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭିଯାଇଥିଲା ।ଆତଙ୍କବାଦ ଭାରତ ତଥା ବିଶ୍ୱ ପାଇଁ ପ୍ରମୁଖ ସମସ୍ୟା ଭାବେ ଦଣ୍ଡାୟମାନ । ଆତଙ୍କବାଦ କୌଣସି ଏକ ରାଷ୍ଟ୍ରର ଉନ୍ନତିର ପ୍ରତିବନ୍ଧକ । ଆମ ରାଷ୍ଟ୍ର ଭାରତ ସଦାସର୍ବଦା ଶାନ୍ତିପ୍ରିୟ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାର ଉତ୍ସ । ବିଶ୍ୱର ଅନେକ ରାଷ୍ଟ୍ର ଭାରତକୁ ଆଦର୍ଶ ମନେକରନ୍ତି । ଆମ ରାଷ୍ଟ୍ର ଭାରତ ଦେବଭୂମି, ପୁଣ୍ୟଭୂମି, ଅନେକ ମହାପୁରୁଷଙ୍କ ଆବିର୍ଭାବ ହେଇଚ଼ି ଏଠାରେ । ରକ୍ତାକ୍ତ ସଂଘର୍ଷକୁ ଭାରତ ନାପସନ୍ଦ କରେ । ଅହିଂସା ଓ ଭାତୃତ୍ୱ ଆମ ରାଷ୍ଟ୍ର ଭାରତର ନୀତି ଓ ଆଦର୍ଶ । 'ବସୁଧୈବ କୁଟୁମ୍ବକମ୍ ' ଅର୍ଥାତ ସାରା ବିଶ୍ୱକୁ ଆମେ ନିଜର ପରିବାର ମାନିଥାଉ । ବନ୍ୟା, ବାତ୍ୟା, ମରୁଡ଼ି, ଭୂସ୍ଖଳନ, ଭୂମିକମ୍ପ, ସୁନାମି ପରି ପ୍ରାକୃତିକ ବିପତ୍ତି ସମୟରେ ପଡୋଶୀ ରାଷ୍ଟ୍ର ମାନଙ୍କୁ ସଦାସର୍ବଦା ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ଆମ ରାଷ୍ଟ୍ର ଭାରତ । ଅତିଥି ଦେବୋ ଭବଃ ନୀତି ଓ ଆଦର୍ଶରେ ଭାରତ ପରିଚ଼ାଳିତ ।ଇତିହାସର ପୃଷ୍ଠାକୁ ଆଲୋଚ଼ନା ଏବଂ ପ୍ରତ୍ୟାଲୋଚ଼ନା କଲେ ଏହା ସ୍ପଷ୍ଟ ଭାବେ ପ୍ରତୀୟମାନ ହୁଏ ଯେ ଆମ ଦେବଭୂମି,ପୂର୍ଣ୍ୟଭୂମି, ମାତୃଭୂମି ଭାରତ ସର୍ବଦା ଶାନ୍ତିପ୍ରିୟ, ନୀତି, ଆଦର୍ଶ, ନୈତିକତାକୁ ପ୍ରାଧାନ୍ୟ ଦିଏ ।ସେଥିପାଇଁ ଆମ ରାଷ୍ଟ୍ର ଶ୍ରେଷ୍ଠ ଓ ମହାନ । ଆମେ ଭାରତବାସୀ ସେଥିପାଇଁ ଗର୍ବିତ । ଭୟଙ୍କର ମହାମାରୀ କରୋନା ସମୟରେ ଉଭୟ ବିକଶିତ ଏବଂ ବିକାଶଶୀଳ ରାଷ୍ଟ୍ରକୁ ସହାୟତା କରି ଉଦାହରଣ ସୃଷ୍ଟି କରିଥିଲା ଆମ ରାଷ୍ଟ୍ର ଭାରତ । ଏହାକୁ କୌଣସି ରାଷ୍ଟ୍ର ଅସ୍ୱୀକାର କରିପାରିବ ନାହିଁ । ଭାରତର ପଡୋଶୀ ରାଷ୍ଟ୍ର ଯେପରି ଚ଼ୀନ, ପାକିସ୍ତାନ, ଆଫଗାନିସ୍ଥାନ, ନେପାଳ, ବାଂଲାଦେଶ, ଭୁଟାନ ପରି ଅନେକ ରାଷ୍ଟ୍ରଙ୍କ ବିପତ୍ତି ସମୟରେ ଆମ ରାଷ୍ଟ୍ର ଭାରତ ଯଥାସମ୍ଭବ ସାହାଯ୍ୟ କରି ବନ୍ଧୁତ୍ୱର ଶ୍ରେଷ୍ଠ ଉଦାହରଣ ସୃଷ୍ଟି କରିଛି ।ସେଥିପାଇଁ ଆମ ରାଷ୍ଟ୍ର ଭାରତ ସର୍ବଶ୍ରେଷ୍ଠ । ଅନ୍ୟ ରାଷ୍ଟ୍ର ପାଇଁ ଭାରତ ପ୍ରେରଣାଦାୟୀ । ଆମ ରାଷ୍ଟ୍ର ଭାରତ କୌଣସି ପରିସ୍ଥିତିରେ ଆମର ପଡୋଶୀ ରାଷ୍ଟ୍ରମାନଙ୍କ ସହ ବିଶ୍ୱାସଘାତ କରିନଥାଏ । କିନ୍ତୁ ଚ଼ୀନ, ପାକିସ୍ଥାନ, କାନାଡ଼ା ପରି ରାଷ୍ଟ୍ର ନିଜର ସଂକୀର୍ଣ୍ଣ ସ୍ୱାର୍ଥ ସାଧନ ପାଇଁ ଭାରତ ବିରୁଦ୍ଧରେ ଆତଙ୍କବାଦୀଙ୍କ ଦ୍ୱାରା ଷଡଯନ୍ତ୍ର କରୁଛନ୍ତି । ଆତଙ୍କବାଦୀଙ୍କ କ୍ଷମତା ଏବଂ କାୟାବିସ୍ତାର ପାଇଁ ସେମାନଙ୍କୁ ପାଣ୍ଠି ଯୋଗାଉଛନ୍ତି ଏବଂ ଭାରତ ବିରୁଦ୍ଧରେ ବିଭିନ୍ନ ଅସାମାଜିକ କାର୍ଯ୍ୟ, ଦେଶବିରୋଧୀ ଗତିବିଧି ଚ଼ାଲୁରଖିଛନ୍ତି । ବନ୍ଧୁତ୍ୱ ପରି ପବିତ୍ର ଶବ୍ଦକୁ ଏହିପରି ରାଷ୍ଟ୍ର କଳଙ୍କିତ କରୁଛନ୍ତି ।

ଏହିପରି ରାଷ୍ଟ୍ର ଆତଙ୍କୀ ସଙ୍ଗଠନ ମାନଙ୍କୁ ବିପୁଳ ପାଣ୍ଠି ଯୋଗାଉଛନ୍ତି ଯେପରି ଆତଙ୍କବାଦୀ ମାନେ ଆମ ଦେଶରେ ବିପୁଳ କ୍ଷତି ଘଟାଇବେ ଏବଂ ଆମ ଅର୍ଥନୀତିକୁ ଦୁର୍ବଳ କରିବେ । ଏହାହିଁ ସେମାନଙ୍କ ମୁଖ୍ୟ ଲକ୍ଷ୍ୟ । କ୍ଷମତା ମୋହରେ ଅନ୍ଧ ହୋଇ ପାକିସ୍ଥାନର ମନ୍ତ୍ରୀମଣ୍ଡଳ, ଶାସନ ବ୍ୟବସ୍ଥା, ସରକାର ସମସ୍ତେ ନିଜ ସେନାର ଗୁଲାମୀ କରିଥାନ୍ତି ।ପ୍ରକୃତ କ୍ଷମତା ପାକିସ୍ଥାନର ସେନା ହାତରେ ରହିଥାଏ । ରିମୋଟ କଂଟ୍ରୋଲ ସେନା ହାତରେ ରହିଥାଏ । ସେନାର ଇସାରାରେ ସବୁକିଛି ହୋଇଥାଏ ପାକିସ୍ଥାନରେ । ପାକିସ୍ଥାନ ସରକାର ନିଜ ସେନାର ପ୍ରରୋଚ଼ନାରେ ଆତଙ୍କବାଦୀଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦିଏ ଏବଂ ତାଙ୍କର ହର୍ତ୍ତା କର୍ତ୍ତା ବିଧାତା ସାଜିଥାଏ । ବଡ଼ ବଡ଼ ପ୍ରମୁଖ ଆତଙ୍କବାଦୀ ସଙ୍ଗଠନ ପାଇଁ ବିଶ୍ୱଦରବାରରେ ଓକିଲାତି କରେ ପାକିସ୍ଥାନ । ଏହା ଆମ ପଡୋଶୀ ରାଷ୍ଟ୍ର ପାକିସ୍ଥାନର ଅସଲ ଚ଼ରିତ୍ର । ମୁମ୍ବାଇ ଆକ୍ରମଣରେ ଧରାପଡିଥିବା ମୁଖ୍ୟ ଖଳନାୟକ କସାବକୁ ଭାରତ ସରକାର ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ପୁଲୱାମାରେ ହୋଇଥିବା ଆତ୍ମଘାତୀ ବିସ୍ଫ ?ରଣରେ ୪୦ରୁ ଉର୍ଦ୍ଧ୍ୱ ଆମ ଦେଶର ଲଢୁଆ ସାହସୀ ବୀର ଯବାନ ସହିଦ ହୋଇଥିଲେ । ଭାରତ ସରକାରଙ୍କ ତଥ୍ୟ ଅନୁସାରେ ୧୯୭୦ରୁ ୨୦୧୫ ମଧ୍ୟରେ ଭାରତରେ ୯୯୮୨ଟି ଆତଙ୍କବାଦୀ ହମଲା ହୋଇଥିଲା ବେଳେ, ୧୮,୮୪୨ରୁ ଉର୍ଦ୍ଧ ନିରୀହ ଜନତାଙ୍କ ମୃତ୍ୟୁ ହୋଇଥିଲା ।୨୦୧୬ସେପ୍ଟେମ୍ବର ୧୮ରେ କାଶ୍ମୀରର ଉରୀରେ ସବୁଠୁ ଭୟାନକ ହମଲା ହୋଇଥିବା ବେଳେ ଆମ ଦେଶର ୧୯ଜଣ ସାହସୀ ବୀର ଯବାନ ସହୀଦ ହୋଇଥିଲେ । ୨୦୧୯ ଫେବୃଆରୀ୧୪ରେ ବିଶ୍ୱ ଭାଲେଣ୍ଟାଇନସ ଦିବସ ପାଳୁଥିବା ବେଳେ ଆମ ଦେଶର ବୀର ଯବାନ ୪୨ଜଣ ସହୀଦ ହୋଇଥିଲେ ।

ପାକିସ୍ଥାନ ଓ କାନାଡ଼ା ଭଳି କିଛି ରାଷ୍ଟ୍ର ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେଉଛନ୍ତି । ଆତଙ୍କବାଦୀ ମାନଙ୍କୁ ନିଜ ଦେଶରେ ପ୍ରଶ୍ରୟ ଦେବା ଅର୍ଥ ବିଷଧର ସର୍ପକୁ ଦଂଶନ ପାଇଁ ଆମନ୍ତ୍ରଣ କରିବା ସଦୃଶ । ଭସ୍ମାସୁର ପରି ପରିସ୍ଥିତି ସୃଷ୍ଟି ହେବ, ରକ୍ଷା କରିବା ପାଇଁ କେହିନଥିବେ । ସେଥିପାଇଁ ଆମ ଭାଗବତ ରେ କୁହାଯାଇଛି

' ଆପଣା ହସ୍ତେ ଜିହ୍ୱା ଛେଦି,
କେ ଅଛି ତାର ପ୍ରତିବାଦୀ '

ଭାରତରେ କ୍ରମାଗତ ଭାବେ ହେଉଥିବା ଆତଙ୍କବାଦୀ ଆକ୍ରମଣକୁ ପ୍ରତିରୋଧ କରିବା ପାଇଁ ଏକ ସୁଚ଼ିନ୍ତିତ ରଣନୀତି ଭାରତୀୟ ସେନା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା ।ଏହାର ମୁଖ୍ୟ କାରଣ ଥିଲା ଆତଙ୍କବାଦୀଙ୍କ ଉରି ଆକ୍ରମଣ ଘଟଣା ।୨୦୧୬ମସିହା ୧୮ସେପ୍ଟେମ୍ବର ବିଳମ୍ବିତ ରାତିରେ ଉରି ଉତ୍ତର କାଶ୍ମୀରର ବାରମୂଳା ଜ଼ିଲ୍ଲାରେ ଭାରତୀୟ ଯବାନଙ୍କ ସେନା ଶିବିର ଉପରେ ଆତ୍ମଘାତୀ ଆକ୍ରମଣ କରିଥିଲେ ପାକିସ୍ଥାନର ଆତଙ୍କବାଦୀ । । ଶୈତାନ ଅମାନବୀୟ ପିଶାଚ଼ ଆତଙ୍କବାଦୀ ମାନେ ନିଦରେ ଶୋଇଥିବା ଭାରତୀୟ ଯବାନଙ୍କୁ ହତ୍ୟା କରିଥିଲେ ।ଏହି ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ନିଜର ରଣକୌଶଳ ପ୍ରସ୍ତୁତ କରିଥିଲା ଯେତେବେଳେ ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଥିଲେ ଏବଂ କହିଥିଲେ ବ୍ୟର୍ଥ ଯିବନି ଆମର ବୀର ଯବାନଙ୍କ ବଳିଦାନ । ଶତ୍ରୁପକ୍ଷ ସୀମାରେ ପଶି ନିର୍ଦ୍ଦିଷ୍ଟ ଅଞ୍ଚଳରେ ସାମରିକ କାର୍ଯ୍ୟାନୁଷ୍ଠାନ ହେଉଛି ସର୍ଜିକାଲ ଷ୍ଟ୍ରାଇକ । ଏହି ପ୍ରଧତ୍ତିରେ ସର୍ବଦା ଇସ୍ରାଏଲ ପରି ରାଷ୍ଟ୍ର ନିଜ ଶତ୍ରୁକୁ ଦମନ କରିଥାଏ । ୨୦୧୬ମସିହା ସେପ୍ଟେମ୍ବର୨୪ ତାରିଖରେ ପ୍ରଥମ ସର୍ଜିକାଲ ଷ୍ଟ୍ରାଇକ ପାଇଁ ରଣନୀତି ରଚ଼ିଥିଲା ଆମ ଭାରତୀୟ ସେନା । ଆଉ ସେତେବେଳେ ପାକିସ୍ଥାନ ଅଧିକୃତ କାଶ୍ମୀରରେ ଥିବା ଆତଙ୍କୀ ଶିବିରକୁ ସଂପୂର୍ଣ୍ଣ ଧ୍ୱଂସଂ କରିବାକୁ ଭାରତର ଘାତକ କମାଣ୍ଡୋମାନେ ୨୦୧୬ମସିହା ସେପ୍ଟେମ୍ବର ୨୮ଏବଂ ୨୯ ମଧ୍ୟରାତ୍ରିରେ କରିଥିଲେ ଭୟଙ୍କର ଆକ୍ରମଣ ।

ଆଖିପିଛୁଳାକେ ଆତଙ୍କୀ ଶିବିରକୁ ଧ୍ୱଂସଂ କରିଦେଇଥିଲେ ଆମ ଭାରତୀୟ ସେନା ଏବଂ ଏହି ଅପେରସନରେ ଅନେକ ଆତଙ୍କବାଦୀ ମୃତାହତ ହୋଇଥିଲେ । ସାରା ବିଶ୍ୱ ଦେଖିଥିଲା ଭାରତର ସାମରିକ ଶକ୍ତି । ରକ୍ତର ପ୍ରତିଶୋଧ ରକ୍ତରେ ନେଇଥିଲେ ଆମ ଦେଶର ଲଢୁଆ ବୀର ସାହସୀ ଯବାନ । ସର୍ବଦା ଶାନ୍ତିରେ ବିଶ୍ୱାସ ରଖୁଥିବା ଭାରତକୁ ଉସକାଇଥିଲେ ଆତଙ୍କବାଦୀ ମାନେ ।ଅନେକ ଆତଙ୍କୀ ଶିବିର ନିଜର ଅସ୍ତିତ୍ୱ ହରାଇଥିଲା ।ଭାରତର ଲଢୁଆ ବୀର ଯବାନଙ୍କ ପ୍ରତିରୋଧ କରିବାର ସାମର୍ଥ କାପୁରୁଷ ଆତଙ୍କବାଦୀଙ୍କର ନଥିଲା ।ପାଖାପାଖି ୩ଘଣ୍ଟାର ସର୍ଜିକାଲ ଷ୍ଟ୍ରାଇକ ପରେ ପାକିସ୍ଥାନ ଅଧିକୃତ କାଶ୍ମୀରର ସମସ୍ତ ଆତଙ୍କୀ ଶିବିର ଜଳିପୋଡି ପାଉଁଶ ହୋଇ ଯାଇଥିଲା । ଭାରତୀୟ ଯବାନଙ୍କ ବୀରତ୍ୱର ଅମର ଗାଥା ଇତିହାସର ସୁନେଲି ଅକ୍ଷରରେ ଲିପିବଦ୍ଧ ହୋଇରହିବ ।

ଏବେ ନିକଟରେ ଜମ୍ମୁକାଶ୍ମୀରର ଡୋଡ଼ା ଜ଼ିଲ୍ଲାରେ ସୁରକ୍ଷାକର୍ମୀ ଏବଂ ଆତଙ୍କବାଦୀ ମଧ୍ୟରେ ଗୁଳି ବିନିମୟ ବେଳେ ୪ଜଣ ଯବାନ ସହିଦ ହୋଇଯାଇଛନ୍ତି । ଗତ କିଛି ଦିନ ମଧ୍ୟରେ ଜମ୍ମୁର ବିଭିନ୍ନ ସ୍ଥାନରେ ବାରମ୍ବାର ଆତଙ୍କବାଦୀ ଆକ୍ରମଣ ହେଉଛି । ୩୨ମାସ ଭିତରେ ଜମ୍ମୁଅଞ୍ଚଳରେ ସହିଦ ହୋଇଥିବା ଯବାନଙ୍କ ସଂଖ୍ୟା ୪୮କୁ ବୃଦ୍ଧି ପାଇଛି । ଆମ ଦେଶର ଲଢୁଆ ବୀର ସାହସୀ ଯବାନଙ୍କ ବଳିଦାନ ଯେପରି ବ୍ୟର୍ଥ ନଯାଉ ସେଥିପାଇଁ ଆତଙ୍କବାଦୀଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପଡ଼ିବ ଏବଂ ଆଉ ଥରେ ସର୍ଜିକାଲ ଷ୍ଟ୍ରାଇକ ପରି ବଡ଼ ଅପେରସନ କରିବାକୁ ପଡ଼ିବ । ଏହା ହୋଇପାରିଲେ ଆମର ସହିଦ ଯବାନଙ୍କ ପାଇଁ ହେବ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

*ମୋବାଇଲ-୭୦୨୦୬୧୧୩୦*

# ଭାଷାଟିଏ ଥିଲା ବୋଲି ଜାଗାଟିଏ ପାଇଲେ



ହିମାଂଶୁ ଶେଖର ଆଚାର୍ଯ୍ୟ

ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ଦୀର୍ଘ ୬୨ବର୍ଷ ପ୍ରତୀକ୍ଷାର ଅବସାନ ଘଟିଲା ୨୦୧୬ ମସିହା ମେ ୨୧ ତାରିଖରେ । ଯେଉଁଦିନ ସରକାରୀ ସ୍ତରରେ ସବୁକାମ ଓଡିଆରେ ହେବ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ମନ୍ତ୍ରୀ ପରିଷଦ ବୈଠକରେ ନିଷ୍ପତି ହୋଇଥିଲା । ସେହିପରି ରାଜ୍ୟ ସରକାର ୧୯୫୪ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ନିଷ୍ପତ୍ତି ନେବାସହିତ ୨୦୧୮ ମସିହା ଏପ୍ରିଲ ପହିଲା ଉତ୍କଳ ଦିବସରୁ ସାରା ରାଜ୍ୟରେ ଓଡିଆ ଭାଷାରେ ସବୁ ସରକାରୀ କାର୍ଯ୍ୟକ୍ରମ ହେବ ବୋଲି ଗତ ୨୦୧୭ ମସିହା ଡିସେମ୍ବର ୨୬ ତାରିଖରେ ପୁରୀ ଠାରେ ତତ୍କାଳୀନ ମୁଖ୍ୟ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବ୍ୟଠକରେ ଗୁରୁତ୍ୱ ପୁର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା । ୨୦୧୪ ମସିହା ମାର୍ଚ୍ଚ ୧୧ତାରିଖରେ ଆମ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଶାସ୍ତ୍ରୀୟ ମାନ୍ୟତା ପାଇବାରେ ଓଡିଆ ହେଉଛି ଷଷ୍ଠ ଭାରତୀୟ ଭବାଷା ଓ ପ୍ରଥମ ଆର୍ଯ୍ୟ ଭାଷା । ଶାସ୍ତ୍ରୀୟ ମାନ୍ୟତା ଖୁସିରେ ୨୦୧୪ ମସିହା ଠାରୁ ମାର୍ଚ୍ଚ ୧୧ ତାରିଖକୁ ଓଡିଆ ଭାଷାଦିବସ ରୁପେ ପାଳନ କରାଯାଉଛି ।

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୬ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏ ମାଟିର କବି ସାରଳା ଦାସ ମହାଭାରତ ଲେଖି ବେଦବ୍ୟାସ ପାଲଟି ଯାଇଛନ୍ତି । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ, ବଳରାମ ଦାସଙ୍କ ସୃଷ୍ଟି ସମ୍ଭାର ଭାରତୀୟ ଭାଷା ସାହିତ୍ୟରେ ଦୁର୍ଲଭ । ଏମାନେ ହିଁ ଓଡିଆ ସାହିତ୍ୟର ରକ୍ଷାକାରୀ । କଥା ସମ୍ରାଟ ଫକୀରମୋହନ, କବିବର ରାଧାନାଥ, ଭକ୍ତକବି ମଧୁସୂଦନ, ପଦ୍ମଭୂଷଣ ଗୋପୀନାଥ ମହାନ୍ତି, ସ୍ୱଭାବ କବି ଗଂଗାଧର ମେହେରଙ୍କ ସୃଷ୍ଟି ସମ୍ଭାର ଓଡିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଛି, ଏହା ଅନସ୍ୱୀକାର୍ଯ୍ୟ ।

ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା – ଚୀନ,ହିନ୍ଦୀ, ଇଂରାଜୀ,ସ୍ପେନିଶ୍, ଋଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । କିନ୍ତୁ ଆଜି କେବଳ ଆମର ମାତୃଭାଷା ଓଡିଆ ନୁହେଁ, ଭାରତର ପ୍ରତ୍ୟେକ ଭାଷା ତଥା ପୃଥିବୀର ଅନେକ ଭାଷା ସଙ୍କଟର ସମ୍ମୁଖୀନ ହୋଇଛନ୍ତି । ଆଜି ପ୍ରତ୍ୟେକ ଦେଶ ଏ ସଙ୍କଟରୁ ମୁକ୍ତି ପାଇବା ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା – ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟା, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ ବ୍ୟବହୃତ ହୁଏ । ଖାଲି ସେତିକି ନୁହେଁ ଓଡିଆରେ ଦରଖାସ୍ତ ଲେଖିବାକୁ ଆମେ ଆଗ୍ରହ ପ୍ରକାଶ ନକରି ଇଂରାଜୀରେ ଲେଖିବାକୁ ମନକରିଥାଉ । ଏପରିକି ଆମ ରାଜ୍ୟକୁ ଆସୁଥିବା ଅଣ ଓଡିଆମାନଙ୍କ ସହିତ ଆମ ଓଡିଆରେ ନକହି ସେମାନଙ୍କ ଭାଷାରେ କହିବାକୁ ଚେଷ୍ଟା କରୁ ।ଏହିଭଳି ହୀନମନ୍ୟତା ହିଁ ଆମ ପ୍ରାଣରୁ ଭାଷା ପ୍ରୀତି ହ୍ରାସ କରାଉଛି ।

ବିଗତ ଦିନରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ରାଜ୍ୟର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ନାମ ଫଳକକୁ ଓଡିଆରେ ଭାଷାରେ ଲେଖାଯିବ । ସେ ସମୟର ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ଜେନା ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଉଚ୍ଚ ଶିକ୍ଷା ବିଭାଗ ସହିତ ସମସ୍ତ ଜିଲ୍ଲାପାଳମାନଙ୍କୁ ଚିଠି ଲେଖି ଜଣାଇଥିଲେ । ଏଠାରେ ସୂଚନାଯୋଗ୍ୟ ଯେ, ଦେଶର ଅନ୍ୟାନ୍ୟ ରାଜ୍ୟରେ ଇଂରାଜୀ ସହିତ ପ୍ରାଦେଶିକ ଭାଷାକୁ ଗୁରୁତ୍ୱ ଦେଇ ସମସ୍ତ ଶିକ୍ଷାନୁଷ୍ଠାନର ନାମଫଳକ ଇଂରାଜୀ ସହିତ ସ୍ଥାନୀୟ ଭାଷାରେ ମଧ ଲେଖାଯାଇଛି । ଆମ ରାଜ୍ୟରେ ଏଭଳି ନିଷ୍ପତ୍ତି ର ଆବଶ୍ୟକତା ରହିଛି । ଆମ ଭାଷା ପ୍ରତି ଆମର ଶ୍ରଦ୍ଧା ଏବଂ ଭଲପାଇବା ଉପର ଠାଉରିଆ । ସଭାସମିତିରେ ବକ୍ତାମାନେ ଭାଷଣ ଦେବା ବେଳେ ଆମେ ଖୁବ୍ ଉତ୍ସାହିତ ହୋଇ ତାଳିମାରୁ । କିନ୍ତୁ ତାପରେ ପୁଣି ଆମ ମନ ଭିତରେ ଇଂରାଜୀ ଭାଷା ତା ସ୍ଥିତି ଜମେଇ ନିଏ । ସେହିପରି କୁନିକୁନି ପିଲାମାନେ ଖନେଇ ଖନେଇ ଇଂରାଜୀ କହିଲେ ବାପା ମାଆ ଓ ଜେଜେ ଜେଜେମାଆଙ୍କ ଛାତି ଫୁଲି ଉଠେ । ଖାଲି ନାମ ଫଳକ ବଦଳିଗଲେ ଆମ ଭାଷା ପ୍ରୀତି ବଢିଯିବ ନାହିଁ । ଓଡିଆ ଭାଷା ଦାପ୍ତରିକ ଭାଷା ହେଉ, ସରକାରୀ ନଥିପତ୍ର ଓଡିଆ ଭାଷାରେ ଲେଖାହେଉ ଓ ଏହାକୁ ଉଲଘଂନ କରୁଥିବା ବ୍ୟକ୍ତି ବିଶେଷଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆ ଯିବାର ଆବଶ୍ୟକତା ଅଛି । ଏବେବି ସରକାରୀ ଦପ୍ତରମାନଙ୍କରେ ଅନେକ ଜାଗାରେ ଇଂରାଜୀ ଫଳକ ଏଯାଏଁ ରହିଛି । ଏଥିପାଇଁ ଆମ ମାନସିକତାରେ ପରିବର୍ତ୍ତନ ଲୋଡା । ଏ ବିଷୟରେ ଗଭୀର ଭାବେ ଅନୁଶୀଳନ କରିବାର ଅଛି ।

ସଭାପତି ସାରସ୍ୱତ ପରିଷଦ,
ଜଗତସିଂହପୁର

# ରାଜନୀତିରେ ଅବଦୁଲ୍ଲା ପରିବାର, ପୂର୍ବଜ ଥିଲେ କାଶ୍ମୀର ପଣ୍ଡିତ



ଗୋପାଳ ମହାପାତ୍ର

ଜାମ୍ମୁ-କାଶ୍ମୀରରେ ବିଧାନ ସଭା ନିର୍ବାଚନ ହେଉଛି ଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଡ଼ୋଡ଼ାଠାରେ ଏକ ନିର୍ବାଚନୀ ସଭାରେ ରାଜ୍ୟର ୩ ଶାହୀ ପରିବାର ଶେଖ ଅବଦୁଲ୍ଲାଙ୍କ ପରିବାର, ମେହେବୁବା ମୁଫତିଙ୍କ ପରିବାର ଏବଂ କଂଗ୍ରେସ ପରିବାରକୁ ଟାର୍ଗେଟ କରିଥିଲେ । ଏ ଦୃଷ୍ଟିରୁ ଜାମ୍ମୁ-କାଶ୍ମୀରର ପ୍ରମୁଖ ପରିବାର ଉପରେ ଏକ ଅବତାରଣାର ଆବଶ୍ୟକତା ରହିଛି । ଶେଖ ଅବଦୁଲ୍ଲା ପରିବାରର କାହାଣୀର ଆରମ୍ଭ ଝେଲମ ନଦୀ କୂଳରେ ଅବସ୍ଥିତ ଶ୍ରୀନଗରର ସୌରାଅ ଳରେ ହୋଇଥିଲା । ଫାରୁକଙ୍କ ପିତା ଶେଖ ଅବଦୁଲ୍ଲା ତାଙ୍କ ଆତ୍ମକଥା 'ଆତିଶ-ଏ-ଚିନାର'ରେ ଲେଖିଛନ୍ତି ଯେ ତାଙ୍କ ପୂର୍ବଜ ସପ୍ତଗୋତ୍ରୀୟ କାଶ୍ମୀର ପଣ୍ଡିତ ଥିଲେ । ତାଙ୍କ ଜେଜେବାପାଙ୍କ ନାମ ଥିଲା ବାଳମୁକୁନ୍ଦ କୌଲ । ସୁଫି ମୀର ଅବଦୁଲ ରଶିଦଙ୍କ ଦ୍ୱାରା ପ୍ରଭାବିତ ହୋଇ ତାଙ୍କ ଜେଜେବାପା ଇସଲାମ ଧର୍ମ ଗ୍ରହଣ କରିଥିଲେ । ୧୯୦୫ରେ ଶେଖ ଅବଦୁଲାଙ୍କ ଜନ୍ମର ଦୁଇ ସପ୍ତାହ ପୂର୍ବରୁ ତାଙ୍କ ପିତା ଶେଖ ମୋହମ୍ମଦ ଇବ୍ରାହିମଙ୍କର ଦେହା' ହୋଇଥିଲା । ୯ ଭାଇ ଭଉଣୀଙ୍କ ମଧ୍ୟରେ ସାନଥିଲେ ଶେଖ ଅବଦୁଲ୍ଲା । ପିଲାଦିନେ ତାଙ୍କ ପିତାଙ୍କର ଥିବା ଶାଲ ଦୋକାନରେ କାମ କରିବା ସହ ପାଠ ପଢ଼ିଥିଲେ । ଉଚ୍ଚଶିକ୍ଷା ପାଇଁ ଶେଖ ଆଲିଗଡ ମୁସଲିମ ବିଶ୍ୱବିଦ୍ୟାଳୟ ଯାଇଥିଲେ ଓ ୨୫ ବର୍ଷ ବୟସରେ ସ୍ନାତକୋ ର ହାସଲ ପରେ କାଶ୍ମୀର ଫେରି ଆସିଥିଲେ । କାଶ୍ମୀରରେ ସେତେବେଳେ ଡ଼ୋଗ୍ରା ରାଜାଙ୍କ ଶାସନ ଥିଲା । ଶେଖ କାଶ୍ମୀର ମୁସଲମାନଙ୍କ ହକ୍ ପାଇଁ ସକ୍ରିୟ ହୋଇଥିଲେ । ୧୯୩୨ରେ ଆରମ୍ଭ ହୋଇଥିବା ମୁସଲିମ୍ କନଫରେନ୍ସ ନାମକ ରାଜନୈତିକ ଦଳରେ ସାମିଲ ହୋଇଥିଲେ ଓ ଧିରେ ଧିରେ ରାଜନେତା ପାଲଟି ଯାଇଥିଲେ । ୧୯୩୭ ମସିହାରେ ଖାନ୍ ଅବଦୁଲ ଗଫୁର ଖାଁ ଶେଖ ଅବଦୁଲ୍ଲାଙ୍କୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ସହ ପରିଚୟ କରାଇଥିଲେ । ଶେଖ ତାଙ୍କ ଆତ୍ମଜୀବନୀରେ ଲେଖିଛନ୍ତି ଯେ ଧର୍ମକୁ ନେଇ ଥିବା ତାଙ୍କ ବିଚାର ଧାରା ନେହେରୁଙ୍କୁ ଭେଟିବା ପରେ ବଦଳି ଯାଇଥିଲା । ୧୯୩୮ ମସିହା ଜୁନ ୨୪ ତାରିଖରେ ଶେଖ ତାଙ୍କ ମୁସଲିମ କନଫେରେନ୍ସ ଦଳର ନାମ ପରିବ ନ କରି ନ୍ୟାସନାଲ କନଫେରେନ୍ସ ରଖିଥିଲେ । ମୁସଲିମ କନଫେରେନ୍ସ ଦଳର ନାମକୁ ନ୍ୟାସନାଲ କନଫେରେନ୍ସ କରିବା କାରଣରୁ ଦଳର ସ୍ରଷ୍ଟା ଚୌଧୁରୀ ଗୁଲାମ ଆବାସ ତାଙ୍କ ଉପରେ ଅସ ୁଷ୍ଟ ହୋଇଥିଲେ । ଅପର ପକ୍ଷେ ଦଳର ନାମ ପରିବ ନ କାରଣରୁ ଶେଖଙ୍କ ଦଳରେ ଅନ୍ୟ ଧର୍ମର ନେତାମାନେ ଯୋଡି ହୋଇଥିଲେ । ୧୯୪୭ରେ ଯେତେବେଳେ ଭାରତର ବିଭାଜନ ସ୍ଥିତି ଉପୁଜିଲା ସେତେବେଳେ କାଶ୍ମୀର ଭାରତ ସହ ମିଶିବ ନା ପାକିସ୍ଥାନ ସହ ମିଶିବ ସେ ନେଇ କୌଣସି ନିଷ୍ପ ି ନିଆଯାଇ ପାରିନଥିଲା । ଭାରତ ସହ ମିଶ୍ରଣ ପାଇଁ କାଶ୍ମୀରର ଡ଼ୋଗ୍ରା ରାଜା ହରିସିଂହ ଏବଂ ଶେଖ ଅବଦୁଲ୍ଲା ଦିଲ୍ଲୀ ସରକାରଙ୍କୁ କିଛି ସମୟ ମାଗିଥିଲେ । ଶେଖ ଅବଦୁଲ୍ଲା ଲେଖିଛନ୍ତି ଯେ ସେ ଦ୍ୱିରାଷ୍ଟ୍ର ସିଦ୍ଧା' କୁ ବିରୋଧ କରୁଥିଲେ ଯେଉଁଥିପାଇଁ କଠୋର ମୁସଲିମ୍ ନେତାମାନେ ତାଙ୍କ ଉପରେ ଅସ ୁଷ୍ଟ ଥିଲେ । ଭାରତରେ ମିଶ୍ରଣ ପାଇଁ କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା କଥାକୁ ସମର୍ଥନ କରିଥିଲେ ଶେଖ । ପାକିସ୍ଥାନ ସହ କାଶ୍ମୀରର ମିଶ୍ରଣକୁ ଶେଖ ଅବଦୁଲ୍ଲା ବିରୋଧ କରିବାର ଦୁଇଟି କାରଣ ଥିଲା ବୋଲି ଅନେକ ଐତିହାସିକଙ୍କ ମତ । ପ୍ରଥମ କାରଣ ହେଉଛି ଶେଖ ଓ ପଣ୍ଡିତ ନେହେରୁଙ୍କ ମଧ୍ୟରେ ଉ ମ ସମ୍ପର୍କ ଥିଲା ଓ ଶେଖ ଜିନ୍ନାଙ୍କ ରାଜନୀତିକୁ ପସନ୍ଦ କରୁନଥିଲେ । ଦ୍ୱିତୀୟ କାରଣ ହେଉଛି କାଶ୍ମୀରରେ ପାବି ମୁସଲମାନଙ୍କ ପ୍ରଭୁତ୍ୱକୁ ଡରୁଥିଲେ ଶେଖ । ୧୯୪୭ ମସିହା ଅକ୍ଟୋବର ମାସର କଥା । କାଶ୍ମୀର ଭାରତରେ ମିଶିବ ବା ପାକିସ୍ଥାନରେ ମିଶିବ ଏ ନେଇ ରାଜା ହରିସିଂହ କୌଣସି ନିଷ୍ପ ି ନେଇନଥିଲେ । ଏଥି ସମୟରେ ପାକିସ୍ଥାନୀ ସେନା ପ୍ରୋତ୍ସାହନରେ ଆତଙ୍କବାଦୀ ମାନେ କାଶ୍ମୀର ଘାଟିକୁ ପଶିଆସିଲେ । ଏଣୁ ରାଜ ହରିସିଂହ ତାଙ୍କ ରାଜ୍ୟକୁ ଭାରତରେ ମିଶ୍ରଣ ପାଇଁ ନିଷ୍ପ ି ନେଲେ ଓ ନେହେରୁଙ୍କ ବନ୍ଧୁ ଶେଖ ଅବଦୁଲ୍ଲା ମଧ ଏହି ନିଷ୍ପ ିରେ ରାଜିହୋଇଥିଲେ । ଶେଖ ଅବଦୁଲ୍ଲା ନେହେରୁ ଓ ହରିସିଂହଙ୍କ ମଧ୍ୟରେ ବୁଝାମଣା କରାଇଥିଲେ । ଏହି କାରଣରୁ ପଣ୍ଡିତ ନେହେରୁ ରାଜା ହରିସିଂହଙ୍କ ଉପରେ ଚାପ ପକାଇ ଶେଖଙ୍କୁ ଜାମ୍ମୁ -କାଶ୍ମୀରର ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତି ଦେଇଥିଲେ । କି ୁପରିସ୍ଥିତି ବଦଳିଯାଇଥିଲା । ୧୯୫୩ ମସିହା ଜୁଲାଇ ୩୧ ତାରିଖରେ ନେହେରୁ କାଶ୍ମୀରର ସଦର- ଏ- ରିଆସତ (ରାଜ୍ୟ)ରେ ଚାଲିଥିବା ଅନିୟମିତତା କାରଣରୁ କିଛି ଲୋକଙ୍କ ସେମ୍ନାନଙ୍କ ପଦବୀରୁ ହଟାଇ ଦେବା ପାଇଁ ଚାହିଁଥିଲେ ଓ ସେ ବର୍ଷ ଅଗଷ୍ଟ ୮ ତାରିଖରେ ଶେଖ ଅବଦୁଲ୍ଲାଙ୍କୁ ତାଙ୍କ ପଦରୁ ହଟାଇ ବଖସି ଗୁଲାମ ମୋହମ୍ମଦଙ୍କୁ ପ୍ରଧାନ ମନ୍ତ୍ରୀ ଭାବେ ନିଯୁକ୍ତ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଖ ଅବଦୁଲ୍ଲାଙ୍କୁ ପଦବୀରୁ ହଟାଇବା ପଛରେ ତାଙ୍କର ଭାରତ ବିରୋଧି କାର୍ଯ୍ୟକଳାପ ବୋଲି ସେତେବେଳେ କୁହାଯାଇଥିଲା । ୧୯୪୭ ରୁ ୧୯୫୩ ମଧ୍ୟରେ ଶେଖ ଅନେକବାର କାଶ୍ମୀରକୁ ସ୍ୱତନ୍ତ୍ର ଦେଶରେ ପରିଣତ କରିବା ପାଇ ଦେଇଥିବା ମ'ବ୍ୟ ଓ ଉଦ୍ୟମ ହିଁ ତାଙ୍କୁ ପଦବୀରୁ ହଟାଇବାର କାରଣ ଥିଲା । ଶେଖଙ୍କୁ ପଦବୀରୁ ହଟାଇବା ପରେ ତାଙ୍କୁ ଗୁଲମର୍ଗ ଠାରୁ ଗିରଫ କରାଯାଇଥିଲା । ରାଜ ହରିସିଂହଙ୍କ ପୁତ୍ର କର୍ଣ୍ଣସିଂହ 'ଆତ୍ମକଥା' ନାମକ ପୁସ୍ତକରେ ଲେଖିଛନ୍ତି ଯେ ଯେତେବେଳେ ଶେଖଙ୍କୁ ଗିରଫ କରିବା ପାଇଁ କୁହାଯାଇଥିଲା ସେତେବେଳେ ସେ ନମାଜ ପଢ଼ିବା ପାଇଁ କିଛି ସମୟ ମାଗିଥିଲେ । କି ୁ ସେଇ ସମୟ ଭିତରେ ତାଙ୍କ ରୁମ୍‌ରେ ଥିବା କେତେକ ଦସ୍ତାବିଜ୍ ଜାଳି ଦେଇଥିଲେ । ୧୧ ବର୍ଷ ଜେଲରେ ରହିବା ପରେ ୧୯୬୪ ମସିହା ଏପ୍ରିଲ ମାସରେ ଶେଖ ଜେଲରୁ ମୁକୁଳିଥିଲେ । ଶେଖ କି ୁ ତା ପରଠାରୁ କାଶ୍ମୀରର ସ୍ୱାଧିନତା କଥା ଭୁଲିଯାଇଥିଲେ । ଶେଖ ଅବଦୁଲ୍ଲା ତାଙ୍କ କନ୍ୟାକୁ ଭଲପାଉଥିଲେ ମଧ ଫାରୁକଙ୍କୁ ତାଙ୍କ ରାଜନୈତିକ ଉ ରାଧିକାରୀ ବାଛିଥିଲେ । ଡାକ୍ତରୀ ପଢ଼ିବାପରେ ୧୯୬୫ ମସିହାରେ ଫାରୁକ ଲଣ୍ଡନ ଚାଲିଯାଇଥିଲେ । ସେ ଜଣେ ବ୍ରିଟିଶ ମହିଳାଙ୍କୁ ବିବାହ କରି ଲଣ୍ଡନରେ ନାଗରିକତା ମଧ ଗ୍ରହଣ କରିସାରିଥିଲେ । ୧୯୭୫ରେ ପାରିବାରିକ କାରଣରୁ ସେ ଭାରତ ଫେରିଥିଲେ । ପାଖାପାଖି ୬ବର୍ଷ ପରେ ଶେଖ ଅବଦୁଲ୍ଲା ରାଜନୀତିରେ ପ୍ରବେଶ ପାଇଁ ଫାରୁକଙ୍କୁ ପ୍ରବ ାଇ ଥିଲେ ଓ ୧୯୮୦ରେ ଫାରୁକ ଅବଦୁଲ୍ଲା ଶ୍ରୀନଗରରୁ ନିର୍ବାଚନ ଲଢ଼ି ଜିତିଥିଲେ ଓ ପରବ ି ସମୟରେ ଫାରୁକ ଦଳକୁ ସମ୍ଭାଳି ଥିଲେ । ୧୯୮୧ ମସିହା ଅଗଷ୍ଟ ମାସ ୨୧ ତାରିଖରେ ଶେଖ ଅବଦୁଲ୍ଲା ଫାରୁକଙ୍କୁ ଦଳର ଅଧକ୍ଷ କରିଥିଲେ ।

୧୯୮୨ ମସିହା ସେପ୍ଟେମ୍ବର ମାସରେ ଶେଖ ଅବଦୁଲାଙ୍କର ନିଧନ ହୋଇଥିଲା ଓ ଫାରୁକ ମୁଖ୍ୟମନ୍ତ୍ରୀ ହେବାପାଇଁ ଚାହୁଁଥିଲେ । କି ୁ ଫାରୁକଙ୍କ ଭିଣୋଇ ଗୁଲାମ ମହମ୍ମଦ ଶାହା ଦଳର ୧୨ ଜଣ ବିଧାୟକଙ୍କ ସହ ନ୍ୟାସନାଲ କନଫରେନ୍ସରୁ ଅଲଗା ହୋଇ କଂଗ୍ରେସ ସହ ମିଶି ସରକାର ଗଠନ କରିଥିଲେ । ମହମ୍ମଦ ଶାହା ମୁଖ୍ୟମନ୍ତ୍ରୀ ହୋଇଥିଲେ । ୧୯୯୬ରେ ନ୍ୟାସନାଲ କନଫରେନ୍ସ ପ୍ରଚଣ୍ଡ ବହୁମତରେ ଜାମ୍ମୁ-କାଶ୍ମୀର ଶାସନଗାଦିକୁ ଆସିବାପରେ ଉମର ଅବଦୁଲ୍ଲା ରାଜନୀତିରେ ସାମିଲ ହୋଇଥିଲେ । ୧୯୯୮ରେ ଫାରୁକ ଉମରଙ୍କୁ ଲୋକସଭା ନିର୍ବାଚନରେ ଜିତାଇ ଥିଲେ । ନିର୍ବାଚନରେ ଜିତିବାପରେ ଉମର କେନ୍ଦ୍ର ସରକାରରେ ମନ୍ତ୍ରୀ ହୋଇଥିଲେ । ୨୦୦୧ ରେ କେନ୍ଦ୍ରରେ ଏନ୍‌ଡିଏ ସରକାରରେ ଉମର ବୈଦେଶିକ ବ୍ୟାପାର ବିଭାଗର ରାଷ୍ଟ୍ରମନ୍ତ୍ରୀ ଥିଲେ । କି ୁ ୧୭ ମାସ ପରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ନଭେମ୍ବର ୨୦୦୮ର ଘଟଣା । ଗୋଟିଏ ପଟେ ମୁମ୍ବାଇରେ ଆତଙ୍କବାଦୀ ଘଟଣା ଘଟିବା ପରେ ଭାରତ- ପାକିସ୍ଥାନ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା । ଅନ୍ୟ ପଟେ ଜାମ୍ମୁ-କାଶ୍ମୀରରେ ବିଧାନସଭା ନିର୍ବାଚନ ହେଉଥିଲା । ଫାରୁକ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ ଏବଂ କଗ୍ରେସ ମିଳିତଭାବେ ନିର୍ବାଚନ ଲଢୁଥିଲେ । ଡିସେମ୍ବର ୨୯ରେ ନିର୍ବାଚନ ଫଳାଫଳ ଘୋଷଣା ପରେ ଜଣାପଡିଥିଲା ଯେ ୮୭ ଟି ଆସନ ବିଶିଷ୍ଟ ଜାମ୍ମୁ- କାଶ୍ମୀର ବିଧାନସଭା ନିର୍ବାଚନରେ ନ୍ୟାସନାଲ କନଫରେନ୍ସକୁ ୨୮ଟି ଆସନ ଓ କଂଗ୍ରେସକୁ ୧୭ ଆସନ ମିଳିଥିଲା । ଫାରୁକ ଅବଦୁଲା ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଥିଲା କି ୁ ଦଳ ପକ୍ଷରୁ ଫାରୁକଙ୍କ ପୁତ୍ର ଉମର ଅବଦୁଲ୍ଲା ମୁଖ୍ୟମନ୍ତ୍ରୀ ହୁଅ ୁ ବୋଲି ଦାବି ଉଠିଥିଲା । ଫାରୁକଙ୍କ କନ୍ୟା ଫାରୁକ ମୁଖ୍ୟମନ୍ତ୍ରୀ ହୁଅ ୁ ବୋଲି ଚାହୁଁଥିବା ବେଳେ ତାଙ୍କ ପତ୍ନୀ କି ୁ ଉମର ମୁଖ୍ୟମନ୍ତ୍ରୀ ହୁଅ ୁ ବୋଲି ଚାହୁଁ ଥିଲେ । ବହୁ ଆଲୋଚନା ପରେ ଉମର ମୁଖ୍ୟମନ୍ତ୍ରୀ ହୁଅ ୁ ବୋଲି ସହମତି ପ୍ରକାଶ ପାଇଥିଲା ଓ କଂଗ୍ରେସ ମଧ୍ୟ ଏଥିରେ ରାଜି ହୋଇଥିଲା । ଜାନୁୟାରୀ ୫ ୨୦୦୯ରେ ଉମର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ । ଉମରଙ୍କ ଶପଥ ଉତ୍ସବରେ ଅବଦୁଲ୍ଲା ପରିବାର ଯୋଗ ଦେଇଥିଲେ ।

୨୦୦୨ ମସିହାରେ ଉମର ଅବଦୁଲ୍ଲା ନ୍ୟାସନାଲ କନଫରେନ୍ସର ଅଧକ୍ଷ ହୋଇଥିଲେ । ୨୦୦୨ରେ ଉମର ଚାନ୍ଦ ରବଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ି ନିର୍ବାଚନରେ ହାରି ଯାଇଥିଲେ । ଯଦିଓ ସେଇ ନିର୍ବାଚନରେ ନ୍ୟାସନାଲ କନଫେରେନ୍ସ ୨୮ଟି ଶାସନରେ ଜିତିଥିଲା ତେବେ ବି ସେ ସରକାରରେ ଭାଗନେବେ ନାହିଁ ବୋଲି ଘୋଷଣା କରିଥିଲେ । ପରବ ୀ ପର୍ଯ୍ୟାୟରେ ଉମର ମୁଖ୍ୟମନ୍ତ୍ରୀ ମଧ ହୋଇଥିଲେ । ବିଜେପି ଯେଉଁ ଶିଖ ପରିବାର ଓ ମେହେବୁବା ମୁଫତିଙ୍କ ପରିବାର କଥା କହୁଛି ସେ କଥା କହିବା ପୂର୍ବରୁ ଇତିହାସକୁ ନିରିଖେଇ ଦେଖିବା ଉଚିତ୍ । ବିଜେପି ନେତୃତ୍ୱାଧିନ ଏନଡିଏ ସରକାରରେ ନ୍ୟାସନାଲ କନଫେରେନ୍ସର ଉମର ଅବଦୁଲ୍ଲା ମନ୍ତ୍ରୀ ହୋଇଥିଲେ । ସେତେବେଳେ ଉମର ଓ ତାଙ୍କ ଦଳରୁ ଏନ୍‌ଡିଏ ଆପଣେଇଥିଲା । ଏପରିକି ବିଜେପି ମେହେବୁବା ମୁଫତିଙ୍କ ସହ ମିଶି ଜାମ୍ମୁ-କାଶ୍ମୀରରେ ସରକାର ଗଠନ କରିଥିଲେ । ଏଣୁ ରାଜନୀତିରେ ସବୁ କିଛି ସମ୍ଭବ ବୋଲି ଯାହା କୁହାଯାଏ ତାହା ଠିକ୍ ପ୍ରମାଣିତ ହେଉଛି । ଶାସନ ଗାଦି ଅକ୍ତିଆର କରିବା ପାଇଁ କିଏ କେତେ ବେଳେ କାହା ସହ ମେ କରୁଛି ତ ପୁଣି କେତେବେଳେ ତାକୁ ସମାଲୋଚନା କରୁଛି ସେ କଥା କହିବା ମୁସ୍କିଲ୍ ।

ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# ଛାତ୍ରଛାତ୍ରୀ ରାଷ୍ଟ୍ର ଗଠନର ପ୍ରକୃତ ଶକ୍ତି



କିଶୋର ଚ଼ନ୍ଦ୍ର ବେହେରା

ଏକ ସୁସ୍ଥ, ସମୃଦ୍ଧ ଓ ସୁଦୃଢ଼ ସମାଜ ଗଠନ ନିମନ୍ତେ ପ୍ରତିଟି ବିଦ୍ୟାର୍ଥୀ ପାଠ୍ୟ ପୁସ୍ତକରୁ ଶିକ୍ଷା ଗ୍ରହଣ କରିବା ସହ ତୃଣମୂଳ ସ୍ତରରେ କିପରି ସମାଜର ହିତ ପାଇଁ ଏହା ବିନିଯୋଗ ହୋଇପାରିବ ଏଥିପାଇଁ ତତ୍ପରତା ପ୍ରକାଶ କରିବା ଉଚ଼ିତ । ଯେଉଁଥିପାଇଁ ଜାତୀୟ ସେବା ଯୋଜନା ହେଉଛି ପ୍ରକୃଷ୍ଟ ମାଧ୍ୟମ । କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ବିଭାଗ ଅଧୀନରେଜାତୀୟ ସେବା ଯୋଜନା ବା ନାସ୍ ?ନାଲ୍ ? ସର୍ଭିସ୍ ? ସ୍କିମ୍ (ଏନ୍ ?.ଏସ୍ ?.ଏସ୍ ?) ଦେଶର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ସହିତ ସମାଜ ସେବା ଜରିଆରେ ଛାତ୍ରଛାତ୍ରୀମାନେ ନିଜ ବ୍ୟକ୍ତିତ୍ୱର ବିକାଶ ସାଧନ କରିବାର ସୁଯୋଗ ପାଇଥାନ୍ତି । ଦେଶର ପଞ୍ଚମ ପଞ୍ଚବାର୍ଷିକ ଯୋଜନାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୯୬୯ ମସିହା ସେପ୍‌ଟେମ୍ବର ୨୪ ତାରିଖରୁ ଆରମ୍ଭ ହୋଇଥିବା ଏନ୍ ?.ଏସ୍ ?.ଏସ୍ ?. ଏକ ସୁସଂଗଠିତ ଯୁବ କଲ୍ୟାଣକାରୀ ବ୍ୟବସ୍ଥା ଭାବରେ ସର୍ବଜନବିଦିତ ହୋଇପାରିଛି । ପରିଚ଼ାଳିତ ଏହି ଯୋଜନାରେ ସଂପ୍ରତି ପ୍ରାୟ ଚ଼ାଳିଶ ଲକ୍ଷ ବିଦ୍ୟାର୍ଥୀ ସମଗ୍ର ଦେଶରେ ବହୁମୁଖୀ ସାମାଜିକ କାର୍ଯ୍ୟରେ ନିୟୋଜିତ ହେବା ଗୌରବର ବିଷୟ । ଆମ ରାଜ୍ୟ ସରକାରଙ୍କ ଉଚ୍ଚ଼ଶିକ୍ଷା ବିଭାଗ ଅଧୀନରେ କାର୍ଯ୍ୟରତ ସରକାରୀ ଓ ବେସରକାରୀ ୨୪ଟି ବିଶ୍ୱବିଦ୍ୟାଳୟରେ ୯୫୪ଟି ବର୍ଗ ଓ ଉଚ୍ଚ଼ ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ୨୮୭ଟି ବର୍ଗ କାର୍ଯ୍ୟ କରୁଛି । ସର୍ବମୋଟ ୧୨୪୧ ଟି ବର୍ଗ ମଧ୍ୟରେ ବାଳକ, ବାଳିକା ଓ ମିଳିତ ବର୍ଗ ବିଭକ୍ତ କରାଯାଇଛି । ବର୍ତ୍ତମାନ ୧,୨୪,୧୦୦ ଜଣ ଛାତ୍ରଛାତ୍ରୀ ସ୍ୱେଚ୍ଛାସେବୀ ଓ ୧୨୪୧ ଅଧାପକ ଅଧାପିକା କାର୍ଯ୍ୟକ୍ରମ ଅଧିକାରୀ ଭାବରେ ଅଂଶଗ୍ରହଣ କରି ସମାଜ ସେବାର ବାହକ ସାଜିବା ଅତ୍ୟନ୍ତ ଆନନ୍ଦର କଥା । ପ୍ରତି ବର୍ଗର ବିଦ୍ୟାର୍ଥୀଙ୍କ ପାଇଁ ଏହି ଯୋଜନାର ଦ୍ୱାର ଉନ୍ମୁକ୍ତ । କଳା, ବିଜ୍ଞାନ, ବାଣିଜ୍ୟ, ଡାକ୍ତରିପାଠ, ପ୍ରଯୁକ୍ତିବିଦ୍ୟା, ଆଇନ ଇତ୍ୟାଦି ଯେ କୌଣସି ପ୍ରକାର ଶିକ୍ଷାନୁଷ୍ଠାନର ଯୁବଶକ୍ତି ବିଭିନ୍ନ ଶ୍ରମଦାନମୂଳକ କାର୍ଯ୍ୟକ୍ରମ ସହ ନିଜର ଜ୍ଞାନକୁ ସେବା କ୍ଷେତ୍ରରେ ବିନିଯୋଗ କରିବାର ସୁଯୋଗ ପ୍ରାପ୍ତ ହୋଇଥାନ୍ତି । ଉଦାହରଣ ସ୍ୱରୂପ ଡାକ୍ତରି ଛାତ୍ରଛାତ୍ରୀମାନେ ସ୍ୱାସ୍ଥ୍ୟ ଶିବିରମାନ ଆୟୋଜନ କରି ଗରିବ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଦିଗରେ ଆଗଭର ହେଲାବେଳେ ଆଇନପାଠର ଛାତ୍ର ସ୍ୱେଚ୍ଛାସେବୀମାନେ ଗ୍ରାମ ଅଦାଲତ ଆୟୋଜନ କରି ଲୋକମାନଙ୍କର ଅଯଥା କୋର୍ଟକଚେରି ଖର୍ଚ୍ଚରୁ ରକ୍ଷା କରନ୍ତି । ଜାତି, ଧର୍ମ, ବର୍ଣ୍ଣ, ଭାଷା, ଭୂଗୋଳ, ସଂପ୍ରଦାୟର ବୈଚ଼ିତ୍ର୍ୟ ସହିତ ଏକନାଗରିକତ୍ୱ ଆଦର୍ଶ ଯୋଡିବାରେ ଜାତୀୟ ସେବା ଯୋଜନା ସ ?ଂକଳ୍ପବଦ୍ଧ । ଏହାର ଚ଼ରମ ଲକ୍ଷ୍ୟ ବ୍ୟକ୍ତିବାଦ ସହ ରାଷ୍ଟ୍ରବାଦର ସଂଯୋଗ । ଛାତ୍ରଛାତ୍ରୀମାନେ ନିଜ ତଥା ନିଜ ପରିବାରର ଉନ୍ନତି ସାଧନ କରିବା ପାଇଁ ଶିକ୍ଷା ଗ୍ରହଣ କଲାବେଳେ ଜାତୀୟ ସେବା ଯୋଜନା ସେମାନଙ୍କୁ ଗୋଷ୍ଠୀସ୍ୱାର୍ଥ, ସମାଜ ସ୍ୱାର୍ଥ ସର୍ବ ?ାପରି ରାଷ୍ଟ୍ରସ୍ୱାର୍ଥର ଜଣେ ଜଣେ ଜାଗ୍ରତ ପ୍ରହରୀ ହେବାପାଇଁ ଅଫୁରନ୍ତ ଉତ୍ସାହ ପ୍ରଦାନ କରେ । ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ମୁକ୍ତ ହୋଇ ସେମାନେ ଉଦାର ସମୂହପରତାର ଜୟଗାନ ପାଇଁ ଆଗେଇ ଆସିବା ଦ୍ୱାରା ଦେଶ ଓ ଦଶର ଅଶେଷ କଲ୍ୟାଣ ସାଧନ ହୁଏ । ଏନ୍ ?.ଏସ୍ ?.ଏସ୍ ?ର ଏହି ମହତ୍ ? ଉଦ୍ଦେଶ୍ୟ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟକ୍ଷ, ଅଭିଭାବକ ପ୍ରମୁଖ ଅନୁଭବ କରି ଏଥିପ୍ରତି ସକାରାତ୍ମକ ମନୋଭାବ ପୋଷଣ କଲେ 'ଛାତ୍ରଶକ୍ତିରୁ ରୂପାନ୍ତରିତ ହୋଇ ପାରିବ ରାଷ୍ଟ୍ରଶକ୍ତିରେ' । ନିରନ୍ତର ବିକାଶ ଲକ୍ଷ୍ୟ, ଜଳବାୟୁ ପରିବର୍ତ୍ତନ, ସହରାଞ୍ଚଳ ଯୋଜନା, ଯୁବ ସଶକ୍ତୀକରଣ, ନିଶା ଦ୍ରବ୍ୟ ଅପବ୍ୟବହାର ନିବାରଣ ଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଭାବ ପକାଇଥିବା ଛାତ୍ରଛାତ୍ରୀଙ୍କ ଅସାଧାରଣ ଅବଦାନକୁ ସ୍ୱୀକୃତି ସମାଜ ସଦାସର୍ବଦା ମନେରଖିବ । ଦେଶ ପାଇଁ ଏକ ସୁଦୃଢ଼ ଭବିଷ୍ୟତ ଗଠନ ନିମନ୍ତେ ଯୁବ ପ୍ରତିଭାଙ୍କୁ ଚ଼ିହ୍ନିବା ଏବଂ ପୋଷଣ କରିବା ଉପରେ ଜାତୀୟ ସେବା ଯୋଜନା ଗୁରୁତର ସହ ବିଚ଼ାର କରିଥାଏ । ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା । ମାଇଁ ଭାରତ ପ୍ଲାଟଫର୍ମକୁ ଯୁବ ସଂପୃକ୍ତି ଏବଂ ବିକାଶର ମୂଳଦୁଆ ରେ ପରିଣତ କରିବା ପାଇଁ ଏକ ସାମୂହିକ ଦୃଷ୍ଟିକୋଣକୁ ଗୁରୁତ୍ୱପୂର୍ଣ୍ଣ ବିଚ଼ାର କରି ଭାରତକୁ ପ୍ରଗତି ଏବଂ ନବସୃଜନ ଦିଗରେ ଆଗେଇ ନେବାରେ ଯୁବଗୋଷ୍ଠୀଙ୍କ ପରିବର୍ତ୍ତନ ଶକ୍ତି ଉପରେ ବିଶ୍ୱାସ ପ୍ରଗାଢ଼ ବିଶ୍ୱାସ ରଖାଯାଇଛି ।

ମଣିଷକୁ ଚ଼ତୁଃପାର୍ଶ୍ୱରୁ ଘେରି ରହି ତାର ଜୀବନ ତ ?ଥା କାର୍ଯ୍ୟକଳାପ ଉପରେ ପ୍ରଭାବ ପକାଉଥିବା ପରିବୃତ୍ତି ମଧ୍ୟରେ ପରିବେଶ । ପୃଥିବୀର ସ୍ଥଳ, ଜଳ, ବାୟୁ, ଉଦ୍ଭିଦ ଓ ପ୍ରାଣୀ ଜଗତ ଏହି ପରିବୃତ୍ତିର ଅଂଶବିଶେଷ । ପରସ୍ପର ମଧ୍ୟରେ ସନ୍ତୁଳନ ରକ୍ଷା କରିବା କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପରିବେଶ ଓ ଜଙ୍ଗଲ ବିଭାଗ ଏବଂ ଉଚ୍ଚ଼ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କ ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ ମିଳିତଭାବେ 'ମା ପାଇଁ ଗଛଟିଏ' ଏକ ଯୁଗାନ୍ତକାରୀ ପଦକ୍ଷେପ । ଏହି କ୍ରମରେ ୧୩ଟି ବିଶ୍ୱବିଦ୍ୟାଳୟ ଓ ଉଚ୍ଚ଼ମାଧ୍ୟମିକ ଶିକ୍ଷା ପରିଷଦ ଅଧୀନରେ ଅନ୍ତର୍ଗତ ୨୩୦ଟି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟକୁ ଚ଼ଳିତ ବର୍ଷ ୨୦୦ରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିବା ଅନୁଷ୍ଠାନ ମାନଙ୍କୁ ସ୍ୱତନ୍ତ୍ର ଅନୁଦାନ ବାବଦରେ ୭୨,୮୦,୦୦୦ଟଙ୍କା ପ୍ରଦାନ କରି ତା'ର ନିର୍ଦ୍ଧାରିତ ମାଧ୍ୟମରେ ଖର୍ଚ୍ଚ଼ କରିବା ପାଇଁ ସ୍ୱତନ୍ତ୍ର ମାପଦଣ୍ଡ ପ୍ରସ୍ତୁତ କରି ଅନୁଷ୍ଠାନର ମୁଖ୍ୟ ମାନଙ୍କୁ ସୂଚ଼ନା ପ୍ରଦାନ କରିଛନ୍ତି । ୭ଦିନିଆ ସ୍ୱତନ୍ତ୍ର ବୃକ୍ଷ ରୋପଣ ଶିବିର ଅୟୋଜନ କରୁଥିବା ମହାବିଦ୍ୟାଳୟ ମାନଙ୍କୁ ଉଚ୍ଚ଼ଶିକ୍ଷା ବିଭାଗ ପକ୍ଷରୁ ୩୫,୦୦୦ ଟଙ୍କା ଅନୁଦାନ ରାଶି ଦିଆଯାଇ ସବୁଜିମା କରିବାକୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ ବୃକ୍ଷରୋପଣ କାର୍ଯ୍ୟ ଜାରି ରହିଛି । ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା କିଭଳି ଜନସାଧାରଣଙ୍କ ନିକଟରେ ପହଞ୍ଚିପାରିବ ଜାତୀୟ ସେବା ଯୋଜନା ଛାତ୍ରଛାତ୍ରୀ ସଦାସର୍ବଦା ତତ୍ପର ହୋଇ ସରକାରଙ୍କୁ ସହଯୋଗ କରିଥାନ୍ତି । ଛାତ୍ରଛାତ୍ରୀ ମାନଙ୍କୁ ଆକର୍ଷିତ କରିବା ପାଇଁ ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ଭାରତ ସରକାରଙ୍କ ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟ ପକ୍ଷରୁ ଜାତୀୟ ସ୍ତରରେ ପୁରସ୍କୃତ କରାଯାଇଥାଏ । ଏକ ବିକାଶଶୀଳ ରାଷ୍ଟ୍ର ପାଇଁ ଯୁବ ଛାତ୍ର ସମାଜ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ବିଶ୍ୱ ପରିବର୍ତ୍ତନର ଏକ ମାଧ୍ୟମ ।

ଅଧ୍ୟାପକ ରାଜନୀତି ବିଜ୍ଞାନ ବିଭାଗ
ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ
ନନ୍ଦପୁର, ଜିଲ୍ଲା: କୋରାପୁଟ
ଯୋଗାଯୋଗ ୯୪୩୭୯୫୫୫୬୮




# ବର୍ଷା ବସନ୍ତ ବୈଶାଖ


ସୁଦର୍ଶନ ମହାପାତ୍ର

ରୂପକୁ ନେଇ ପ୍ରତୀଚ୍ଚିର ବହୁତ ଗର୍ବ। କଲେଜରେ ପଢ଼ିବା ବେଳେ କିଛି ପିଲା ଆଉ ଜଣେ ଦୁଇ ଜଣ ଅଧ୍ୟାପକ ତା' ପଛରେ ପଡିଥିଲେ । ପ୍ରତୀଚ୍ଚି ଅନେକଙ୍କୁ ତା କଟାକ୍ଷ ରେ ଘାଇଲା କରି ଦେଇଥିଲା। ସେ ନଥିଲେ କଲେଜରେ ସମୟତକ ବଡ଼ ଅସହାୟ ହୋଇପଡେ।ବୋରିଂ ଲାଗେ ପ୍ରାୟ ପିଲାଙ୍କୁ। ସେ ଯେ ଅନେକ ଆଶାୟୀ ହୃଦୟର ମୁଖ୍ୟ ଆକର୍ଷଣ! କଲେଜ ପିକନିକ ହେଉ ଅବା ଡ୍ରାମା, ସବୁଥିରେ ପ୍ରତୀଚ୍ଚିର ଆବିର୍ଭାବ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା। ସେଦିନର କଥା ତ ମନରେ ଏବେ ବି ବସାବାନ୍ଧି ରହିଛି।ତା ଜୀବନର ସେଇତକ ଅଧ୍ୟାୟ ସେ କେବେ ଭୁଲି ପାରେନା। ଆଜି ହଠାତ୍ ଏମିତି ଏତେ ଦିନ ପରେ ପ୍ରତ୍ୟୁଷ ଯେ ମଲ୍ ରେ ଦେଖା ହୋଇଯିବେ ବୋଲି ପ୍ରତୀଚ୍ଚି ଭାବିନଥିଲା। ସେ ପୁଣି ବିନୟଙ୍କ ଉପସ୍ଥିତିରେ। ବହୁତ ଜଣାଶୁଣା ବନ୍ଧୁ ପରି ସମ୍ଭାଷଣ କରି ପ୍ରତ୍ୟୁଷଙ୍କୁ ବିନୟ ଯେମିତି ଭାବରେ ଆଲିଙ୍ଗନ କଲେ , ପ୍ରତୀଚ୍ଚି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଦୁଇ ବନ୍ଧୁଙ୍କ ମିଳନ ପର୍ବରେ ପ୍ରତିଚ୍ଚୀ ହିଁ ନିଜକୁ ଲୁଚାଇବାକୁ ଚେଷ୍ଟା କରୁଥିଲା। ପରିଚୟ ଆଦାନ ପ୍ରଦାନ ବେଳେ ପ୍ରତ୍ୟୁଷଙ୍କ ସାମ୍ନାରେ ସମ୍ପୂର୍ଣ୍ଣ ଅପରିଚିତ ଭଳି ବ୍ୟବହାର କରିଲା ସେ। ପ୍ରତ୍ୟୁଷ ବି ଯେମିତି ସବୁକଥା ବୁଝି ପାରିଲେ । ହେଲେ ନିଜ ଘରକୁ ପ୍ରିୟ ବନ୍ଧୁଙ୍କୁ ସାଦର ନିମନ୍ତ୍ରଣ କରି ଆସିଲେ ବିନୟ । କଲେଜରେ ନୂଆ ଯୋଗ ଦେଇଥିବା ଅଧ୍ୟାପକ ପ୍ରତ୍ୟୁଷଙ୍କ ପ୍ରଥମ କ୍ଲାସରେ ହିଁ ପ୍ରତିଚ୍ଚୀ ତାଙ୍କ ପ୍ରତି ଢଳିଥିଲା।ପ୍ରତ୍ୟୁଷ ମଧ୍ୟ ମନକୁ ଟାଣିଲା ଭଳି ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ଏକଦା ସମସ୍ତଙ୍କ ଆଢୁଆଳରେ ପ୍ରତ୍ୟୁଷ ମଧ୍ୟ ତା'ପାଇଁ କ୍ରମେ ଦୁର୍ବଳ ହୋଇ ପଡୁଛନ୍ତି ବୋଲି ସ୍ୱୀକାର କରିଥିଲେ।ମନର ମଣିଷକୁ କେବେ କେବେ ଏକାନ୍ତରେ ପାଇ ନିଜର ଭଲପାଇବାକୁ ଜାହିର କରିବାକୁ ପଛେଇ ନଥିଲା ପ୍ରତୀଚ୍ଚି ।

ଆଜି ବିବାହର ପାଞ୍ଚବର୍ଷ ପରେ ମଧ୍ୟ ପ୍ରତିଚ୍ଚୀ ସନ୍ତାନର ଜନନୀ ହୋଇ ପାରିନି। ପ୍ରତ୍ୟୁଷ ଙ୍କ ପ୍ରଶ୍ନରେ ଆଜି ବିନୟ ମଧ୍ୟ କେମିତି ଅସହଜ ଭଳି ଲାଗିଲେ। ହେଲେ ବିନୟ କଥାକୁ ହାଲକା କରିବାକୁ 'ଏତେ ଶୀଘ୍ର ପିଲାଛୁଆଙ୍କ ଜଞ୍ଜାଳରେ ଘାଣ୍ଟି ହେଲେ, ଜୀବନକୁ କ'ଣ ଉପଭୋଗ କରି ହେବ ?' ଚଟାପଟ ଉତ୍ତର ଫେରେଇ ଥିଲେ ପ୍ରତ୍ୟୁଷଙ୍କୁ। ପ୍ରତ୍ୟୁଷଙ୍କୁ ଏ ଉତ୍ତର ବୋଧହୁଏ ସନ୍ତୁଷ୍ଟ କରି ପାରି ନଥିଲା।ତାଙ୍କ ଭାବଭଙ୍ଗୀରେ ସେଇ ଭାବ ନୀରିକ୍ଷଣ କଲା ପ୍ରତୀଚ୍ଚି।

କିନ୍ତୁ ଏଇ ପାଞ୍ଚ ବର୍ଷ ଭିତରେ ବିନୟ କେବେହେଲେ ସ୍ନେହ ପ୍ରେମ ରୁ ବଞ୍ଚିତ କରିନି ପ୍ରତୀଚ୍ଚି କୁ। କୌଣସି ସମୟରେ ସେ ଦୁଃଖ ଓ ଅଭାବ ଅନୁଭବ କରିପାରିନି। ମଝିରେ ମଝିରେ ତା ମନରେ ପିଲାଛୁଆଙ୍କ କଥା ଉଦୟ ହୁଏନା ଏମିତି ନୁହେଁ। ହେଲେ ସେ ନିଜେ ଜାଣିନି ତା'ର ଏ ବନ୍ଧ୍ୟାଦୋଷ ପାଇଁ କିଏ ଦାୟୀ ? ସେ ନିଜେ ନା ବିନୟ ?

ପ୍ରତୀଚ୍ଚି ଭାବିଲା କେବେ ଯାଇ ଡାକ୍ତରଙ୍କ ପରାମର୍ଶ ନେବା ଠିକ୍ ହେବ।ହେଲେ ପର ମୁହୂର୍ତରେ ତା ମନକୁ ପାପ ଛୁଇଁଲା। ଯଦି ତା'ର କିଛି ଦୋଷ ନଥାଏ , ତେବେ ବିନୟଙ୍କ ଅସାମର୍ଥତା କୁ ନେଇ ସାରା ଜୀବନ ବଞ୍ଚିପାରିବ ତ !ଆଉ ଯଦି ତା'ର ଦୋଷ ଥାଏ, ତେବେ ବିନୟଙ୍କର ତା' ପ୍ରତି ଥିବା ପ୍ରେମ ଆକର୍ଷଣ ଆଉ ରହିବ ତ ? ପ୍ରତୀଚ୍ଚି ମୁଣ୍ଡଟା ଭାରି ହୋଇ ଉଠିଲା।ମନଟା ହାହାକାର ରେ ଭରିଗଲା।ଉଚ୍ଛଳ ନଦୀ ଭଳି ବିନୟ ପ୍ରେମରେ ଅବଗାହନ କରୁଥିବା ପ୍ରତୀଚ୍ଚି କେତେ ଦିନ ଭିତରେ ଶୁଷ୍କ ନଦୀ ଶଯ୍ୟା ଭଳି ହୋଇଗଲା।ମନ ଭିତରେ ତା'ର ନାନା ପ୍ରକାର ଦ୍ୱନ୍ଦ ଦେଖାଗଲା।

ବିବାହର ପାଞ୍ଚବର୍ଷ ଭିତରେ ଯେଉଁ ପ୍ରଶ୍ନ ଥରେ ମାତ୍ର ଉଠିନଥିଲା , ଆଜି ହଠାତ୍ ସେଇ ପ୍ରଶ୍ନ ତାକୁ ଆନ୍‌ଦୋଳିତ କରୁଛି। ତା'ର ଉତ୍ତର ସେ ଖୋଜି ପାଉନି। ନିଜକୁ ନିଜେ ପ୍ରବୋଧନା ଦେବାକୁ ଚେଷ୍ଟା କଲା ପ୍ରତୀଚ୍ଚି। ପ୍ରତ୍ୟୁଷ ଗଲାପରେ ମଧ୍ୟ ଏସବୁ ବିଷୟରେ ବିନୟ କେବେହେଲେ କଥା ହେଲେ ନାହିଁ। ଆଗପରି ଗତାନୁଗତିକ ଜୀବନ ବହି ଚାଲିଲା।ପ୍ରେମରେ କାଣିଚାଏ ବି ଭଙ୍ଗା ଅନୁଭବ କରି ପାରିଲାନି ପ୍ରତୀଚ୍ଚି। ସଂସାର ରଥ ପୁଣି ଗଡି ଚାଲିଲା ଆଗପରି।

ହଠାତ୍ ଦିନେ ପ୍ରତୀଚ୍ଚି ଜୀବନରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେଲା। ସନ୍ଧ୍ୟାରେ ବିନୟ ଯେତେବେଳେ ଅଫିସରୁ ଫେରି ଡୋର ବେଲ୍ ବଜେଇଲେ , ପ୍ରତୀଚ୍ଚି କବାଟ ଖୋଲି ଆଗନ୍ତୁକଙ୍କୁ ଦେଖି ଭିତରେ ଭିତରେ ଜଡସଡ ହୋଇ ପଡିଲା।

–' ପ୍ରତ୍ୟୁଷ ମୋର ଘନିଷ୍ଠ ବନ୍ଧୁ। ଦୁହେଁ ଦୁହିଁଙ୍କୁ ପିଲାଦିନରୁ ଜାଣିଛୁ।ଏକା କଲେଜରୁ ଏମ୍.ଏ. ପାଶ କରିଛୁ। ସେ ଏବେ ଆମ ଏଠିକା କଲେଜରେ ଜଏନ କରିଛି। ଏବେ ଘର ପାଇନାହିଁ ବୋଲି ହୋଟେଲରେ ର?ହୁଛି।ଘର ପାଇବା ପର୍ଯ୍ୟନ୍ତ ସେ ଆମ ଘରେ ରହିଯିବାକୁ ମୁଁ ତାକୁ କହୁଛି। ତୁମେ ହିଁ ତାକୁ ବୁଝାଅ।' ଏତିକି କହି ବିନୟ ପ୍ରତ୍ୟୁଷ ଙ୍କ ହାତ ଧରି ସୋଫା ଉପରେ ବସେଇଦେଲା। ସେତେବେଳକୁ ପ୍ରତୀଚ୍ଚିର ସାରାଟା ଦେହ ଝାଳରେ ବୁଡି ଗଲାଣି ।

' ତୁମେ ବସ, ମୁଁ ଚା' କରି ଆଣୁଚି' କହି ପ୍ରତୀଚ୍ଚି ପଳାଇ ଆସିଲା କିଚେନ କୁ ।ଗ୍ୟାସରେ ଚା' ବସେଇ ଭାବିଲା କ'ଣ କରିବ ଏବେ। ପ୍ରତ୍ୟୁଷ ଘରେ ରହିବା ମାନେ ଯେ କ'ଣ ହେବ ତାହା ସେ ନିଜେ ବୁଝି ପାରୁଥିଲା। କିନ୍ତୁ ଏବେ ବିନୟକୁ ସେ କ'ଣ କହିବ ?

ଚା' ଖାଇ ପ୍ରତ୍ୟୁଷ ଫେରିଗଲେ। ହେଲେ ଯିବାବେଳକୁ ନିଜଆଡୁ କହିଲେ ' ନା,ବିନୟ ! ମୋର ଏଠାରେ ଅସୁବିଧା ହେବ। କାରଣ ତୋ ଘରଠାରୁ ମୋ କଲେଜ ଅନେକ ଦୂର। ହଁ,ତୋ ମିସେସ୍ ଙ୍କର ଆପତ୍ତି ନଥିଲେ ମଝିରେ ମଝିରେ ଆସି ଏମିତି ସୁନ୍ଦର ଚା' ଟିକେ ପିଇଯିବି।'

ପ୍ରତ୍ୟୁଷ ଙ୍କ କଥାରେ ସ୍ୱସ୍ତିରେ ନିଃଶ୍ୱାସ ମାରିଲା ପ୍ରତୀଚ୍ଚି।

–' ଆପଣ ଏମିତି କ'ଣ କହୁଛନ୍ତି ? ଆପଣଙ୍କ ବନ୍ଧୁଙ୍କ ଘରକୁ ଆପଣ ଯେତେବେଳେ ଇଛା ଆସି ପାରନ୍ତି।' ମନ ରଖିବାକୁ ମୁହଁରେ ହସ ଫୁଟାଇ କହିଲା ପ୍ରତୀଚ୍ଚି।

ପ୍ରତ୍ୟୁଷ ବିଦାୟ ନେଲାପରେ ପ୍ରତିଚ୍ଚୀ ଯେମିତି ରାଗରେ ଫାଟି ପଡିଲା ଭଳି ବ୍ୟବହାର କଲା। 'ତୁମର କ'ଣ କାଣ୍ଡଜ୍ଞାନ ନାହିଁ। ତାଙ୍କୁ ତୁମେ କେଉଁ ଅକଲରେ ଏଠି ର?ହିବାକୁ କହୁଥିଲ ଶୁଣେ ? ସେ ରହିଲେ ମୁଁ ଏ ଘରେ ସ୍ୱଚ୍ଛନ୍ଦରେ ରହି ପାରିବି ? ମୋତେ ଲାଗୁଛି ମୋ ପ୍ରତି ତୁମର ବୈରାଗ୍ୟ ସୃଷ୍ଟି ହେଲାଣି।'

–' ଆମେ ପିଲାଦିନୁ ପରସ୍ପରକୁ ଜାଣିଛୁ। ଦୁହେଁ ଉତ୍ତମ ବନ୍ଧୁ। ସେ ରହିଥିଲେ ବି ତୁମ ପ୍ରତି କିଛି ବିପଦ ନଥିଲା। ତା' ବିଷୟରେ , ମାନେ ତାକୁ ମୁଁ ଭଲଭାବରେ ଜାଣେ। ସେଥିପାଇଁ ମୁଁ...। ହେଲେ ଛାଡଃ...! ' ଯେମିତି କିଛି କଥା ଉହ୍ୟ ରଖି ପ୍ରତୀଚ୍ଚି କୁ ବୁଝାଇବାକୁ ଚେଷ୍ଟା କରିଥିଲା ବିନୟ ଏବଂ ଭଲପାଇବାର ନିଦର୍ଶନ ସ୍ୱରୂପ ପ୍ରତୀଚ୍ଚିକୁ ଏକ ଚୁମା ଉପହାର ଦେଲା।

ଦିନ ଗଡି ଚାଲିଲା। ପ୍ରତ୍ୟୁଷ ର ଯିବା ଆସିବା ଓ ମିଳାମିଶା ଭିତରେ ପ୍ରତୀଚ୍ଚି କ୍ରମେ ସ୍ୱାଭାବିକ ହୋଇଗଲା। ଦିନେ ବିନୟଙ୍କ ଅନୁପସ୍ଥିତିରେ କଥା ପ୍ରସଙ୍ଗରେ ପ୍ରତ୍ୟୁଷଙ୍କୁ ତାଙ୍କର ଅନ୍ତର୍ଦ୍ଧାନର କାରଣ ପଚାରି ବସିଲା ସେ।

–' ଆରେ ନା ନା, ଅନ୍ତର୍ଦ୍ଧାନ କାହିଁକି ହେବି ? ମୁଁ ସ୍କଲାରସିପ୍ ପାଇ ଲଣ୍ଡନରେ ପି ଏଚ୍ ଡି କଲି ଏବଂ ପରେ ହାର୍ଭାର୍ଡ ୟୁନଭରସିଟିରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲି। ଏବେ ଫେରିଛି। ହଁ, ଆଜି ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ, ମୁଁ ସେତେବେଳେ ତୁମ ପ୍ରତି ଦୁର୍ବଳ ହୋଇ ପଡ଼ିଥିଲି ।ଅନ୍ୟ ଅର୍ଥରେ କହିଲେ ମୁଁ ତୁମକୁ ଭଲ ପାଇ ବସିଥିଲି।'

ପ୍ରତୀଚ୍ଚି ପ୍ରତ୍ୟୁଷ ଙ୍କ କଥାରେ ଟିକେ ଲାଜେଇଗଲା। ମୁହଁ ଟା ତା'ର ଲାଲ ହୋଇଗଲା। କିନ୍ତୁ କିଛି ସମୟପରେ ମୁହଁ ଉଠେଇ କହିଲା –' ଆଜି ବି ଆପଣଙ୍କ ମନରେ ମୋ ପ୍ରତି ସେଇ ଭାବ ଅଛି ?' ପ୍ରତ୍ୟୁଷ କିଛି ସମୟ ପ୍ରତୀଚ୍ଚି ମୁହଁକୁ ଚାହିଁଲା। ଧୀରେ ଧୀରେ କହିଲା ' ଯଦି କହେ ଆଜି ବି ମୁଁ ତୁମକୁ ସେମିତି ଭଲପାଏ' । ପ୍ରତୀଚ୍ଚି ନୀରବ ରହିଲା। ବୁଝି ପାରିଲାନି ଏବେ କି ପ୍ରକାର ଉତ୍ତର ଦିଆଯିବା ଠିକ୍ ହେବ।

ହଠାତ୍ ପ୍ରତୀଚ୍ଚି ଅନୁଭବ କଲା ପ୍ରତ୍ୟୁଷଙ୍କର ସ୍ପର୍ଶ। କେଜାଣି କାହିଁକି ନିଜକୁ ଛଡେଇ ନେଇ ପାରିଲା ନାହିଁ। ଜୀବନର ସେଇ ପ୍ରଥମ ପୁରୁଷର ସ୍ପର୍ଶକୁ ଏତେ ଦିନ ପରେ ପୁଣି ଥରେ ପାଇ ସେ ଦୁର୍ବଳ ହୋଇ ପଡିଲା। କିଛି ପ୍ରତିବାଦ କରି ପାରିଲାନି।ତା ମନଟା ଉତ୍ତାଳ ହୋଇ ପଡିଲା। ସେମାନେ ଧିରେ ଏକାକାର ହୋଇଗଲେ। ସେ ପର୍ଯ୍ୟନ୍ତ ବିନୟ ଅଫିସରୁ ଫେରି। ନଥିଲା।

ତୃପ୍ତ ମନ ଓ କ୍ଲାନ୍ତ ଶରୀରକୁ ନେଇ ପ୍ରତ୍ୟୁଷ ଘରୁ ନିଷ୍କ୍ରାନ୍ତ ହୋଇଗଲେ। ପ୍ରତ୍ୟୁଷ ଚାଲିଗଲା ପର ମୁହୂର୍ତରେ ପ୍ରତୀଚ୍ଚି ମନରେ ପାପବୋଧ ହେଲା।ମନ ଭିତରଟା ତା'ର ଛଟପଟ ହେଲା। ବିନୟ ତା'ର ସ୍ୱାମୀ। ସବୁଠାରୁ ପ୍ରିୟ ପୁରୁଷ। କିନ୍ତୁ ଆଜି ସେ ସେଇ ପ୍ରିୟ ପୁରୁଷକୁ ପ୍ରତାରଣା କରିଛି।

ସେଦିନ ପ୍ରାୟ ଘଣ୍ଟେ ଦୁଇ ଘଣ୍ଟା ଡେରିରେ ବିନୟ ଫେରିଲା। ଚେହେରା ଅବଶ ଅବଶ। ପ୍ରତୀଚ୍ଚି ସହିତ ପଦେ ଦୁଇପଦ କଥା ହୋଇ ଶୀଘ୍ର ଶୋଇ ପଡ଼ିଲା। ପ୍ରତୀଚ୍ଚି ମନରେ ଭୟ। ତେବେ କ'ଣ ବିନୟ କିଛି ସୁରାକ ପାଇଛି ? ଘାଣ୍ଟି ଗୋଳେଇ ହେଲା ମନ। ରାତିସାରା ଛଟପଟ ହେଲା ସେ ଉଦବିଗ୍ନତାରେ ।

ସକାଳୁ ସକାଳୁ ବିନୟ ତାକୁ ଭିଡି ଧରିଲା ନିବିଡ ଆଶ୍ଲେଷରେ।ପ୍ରତୀଚ୍ଚି ବି ନିଜକୁ ଅକାତରେ ସମର୍ପି ଦେଲା ବିନୟ ପାଖରେ। ତାପରେ ଉଠି ଚା' କରିବାକୁ ଗଲା। ଚା' ଦୁଇ କପ୍ ନେଇ ଆସିଲା ବେଳକୁ ବିନୟ ତାକୁ ଏକ ଖବର ଦେଇ ଚମକୃତ କରିଦେଲା। ସେଇଦିନ ହିଁ ସେ ଓ ପ୍ରତୀଚ୍ଚି ସାତଦିନ ପାଇଁ ଉଟି ବୁଲିଯିବେ ବୋଲି କହିଲା। ସେଥିପାଇଁ ସବୁ ବୁଝାବୁଝି କରି ଆସିଛି ବୋଲି କହି ପ୍ରତୀଚ୍ଚି କୁ ସଶ୍ରଦ୍ଧ ଚୁମାଟିଏ ଦେଲା। ପ୍ରତୀଚ୍ଚି ଆଶ୍ୱସ୍ତ ହେଲା, ଖୁସି ବ୍ୟକ୍ତ କଲା, ବିନୟକୁ ନିବିଡ ଚୁମାଟିଏ ଫେରେଇଲା ମଧ୍ୟ।

ବିନୟ ଓ ପ୍ରତୀଚ୍ଚି ବୁଲାବୁଲି କରି କେତେ ଦିନର ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରି ଫେରି ଆସିଲେ। ଗୋଟିଏ ଦିନର ବିଶ୍ରାମ ପରେ ବିନୟ ଅଫିସରେ ଯୋଗ ଦେଲା। ପ୍ରତ୍ୟୁଷ ଆଜି ନିଶ୍ଚୟ ଆସିବେ– ଏମିତି ଭାବନା ଭିତରେ ପ୍ରତୀଚ୍ଚି ପ୍ରତୀକ୍ଷାରେ ରହିଲା।ମାତ୍ର ନିରାଶ ହେଲା। ପରଦିନ ବିନୟ ଅଫିସ ଗଲାପରେ ପ୍ରତ୍ୟୁଷ ଙ୍କୁ ଫୋନ୍ ଲଗାଇଲା। କି ଆଶ୍ଚର୍ଯ୍ୟ..! ଫୋନ୍ ବି ଲାଗୁନାହିଁ। ଦ୍ୱିଧାରେ ପଡିଲା।

ଡୋରବେଲ୍ ବାଜିଲା। ପ୍ରତ୍ୟୁଷ ଆସିଛନ୍ତି ନିଶ୍ଚୟ !କବାଟ ଖୋଲିଲା ପ୍ରତୀଚ୍ଚି। ଭିତରକୁ ପଶି ଆସିଲା ବିନୟ। ସମୟ ପୂର୍ବରୁ ଆଜି ଫେରି ଆସିଛି ସେ। ପ୍ରତୀଚ୍ଚି ମନରେ ସଂଶୟ ଜାତ ହେଲା। ବିନୟ ମୁହଁରେ ଚିନ୍ତାର ରେଖା। କିଛି ନକହି ଯାଇ ଡ୍ରେସ୍ ବଦଳାଇଲା । ପ୍ରତୀଚ୍ଚି ଚା'କରିବାକୁ ଚୁପଚାପ୍ କିଚେନ କୁ ଗଲା। ଚା' ନେଇ ଫେରିଲା ବେଳକୁ ବିନୟ ଟିଭି ଦେଖୁଥିଲା।

–' ଦେହ କ'ଣ ଖରାପ ଲାଗୁଛି ?' ପ୍ରତୀଚ୍ଚି ପଚାରିଲା ଧୀରେ।

ବିନୟ ତା' ମୁହଁକୁ ଚାହିଁଲା କିଛି କ୍ଷଣ। ଧୀରେ ଧୀରେ କହିଲା ପ୍ରତ୍ୟୁଷ ତା' ଚାକିରୀରୁ ଇସ୍ତଫା ଦେଇ ଦେଇଛି। କାହିଁକି ସେ ଏମିତି କଲା ଏବଂ କୁଆଡେ ଗଲା କେହି ଜାଣି ନାହାଁନ୍ତି। ପ୍ରତୀଚ୍ଚି ହାଁ ହୋଇ ଚାହିଁ ରହିଲା ବିନୟ ମୁହଁକୁ। ଦୁଃଖରେ ଝାଉଁଳି ପଡିଲା ଅସମ୍ଭବ ଭାବରେ।

ଦିନ ଗଡି ଚାଲିଲା। ଦୁଇ ମାସ ପରେ ପ୍ରତୀଚ୍ଚି ଅନୁଭବ କଲା ତା ଦେହରେ କିଛି ଅଘଟଣ ଘଟିଛି। ତାକୁ ଖାଲି ବାନ୍ତି ବାନ୍ତି ଲାଗୁଛି। ବାନ୍ଧବୀ ଡାକ୍ତର ଲିଜା ମିଶ୍ର ଙ୍କ ସହିତ ଯୋଗାଯୋଗ କଲା। ସେ ମା' ହେବାକୁ ଯାଉଥିବା ଖବର ଶୁଣି ଖୁସିରେ ଆତ୍ମହରା ହୋଇପଡିଲା। ଏତିକି ବେଳକୁ ମନେ ପଡିଲା ପ୍ରତ୍ୟୁଷଙ୍କ ସହିତ ସହବାସର କଥା। ହେଲେ ମନକୁ ବୁଝାଇଲା। ଟେଷ୍ଟ ଟ୍ୟୁବ୍ ମାଧ୍ୟମରେ ସନ୍ତାନ ଧାରଣ କରିବା ଆଜିକାଲି ଯୁଗରେ ସାଧାରଣ ଘଟଣା ହେଲାଣି। ଅଜଣା ସମର୍ଥ ପୁରୁଷର ବୀର୍ଯ୍ୟ ଗର୍ଭରେ ଧାରଣ କରିବା ଅପେକ୍ଷା ଜଣେ ସମର୍ଥ ପୁରୁଷ ସହ ସହବାସ କରି ଗର୍ଭବତୀ ହେବାରେ ଦୋଷ କେଉଁଠି ! ମନ ଭିତରୁ ପାପବୋଧ କଟି ଯାଇଥିଲା।

ନିଜ ସପକ୍ଷରେ ଅନେକ କଥା ଭାବିଲା ପ୍ରତୀଚ୍ଚି। କିନ୍ତୁ ତା'ର ଗର୍ଭ ଧାରଣକୁ କେମିତି ଭାବରେ ଗ୍ରହଣ କରିବ ବିନୟ ! ସେ ଦିନ ବିନୟକୁ କିଛି କହିଲାନି ପ୍ରତୀଚ୍ଚି। ପରଦିନ ଥିଲା ରବିବାର। ବିଛଣା ଛାଡ଼ିବା ପୂର୍ବରୁ ବିନୟ ଉପରେ ଲଦି ହୋଇ ପଡ଼ି ତା କାନରେ ଫିସଫିସ ସ୍ୱରରେ କହିଲା – ' ତମେ ବାପା ହେବାକୁ ଯାଉଛ।' ବିନୟ ଖୁସିରେ ଯେମିତି ଆତ୍ମହରା ହୋଇ ପଡିଲା। ପ୍ରତୀଚ୍ଚି କୁ କୋଳାଗ୍ରତ କରିନେଲା ଗୋଟାପଣେ।

ପ୍ରତୀଚ୍ଚି ବିନୟର ଖୁସି ଦେଖି ବୋକା ବନିଗଲା । ଏ ପିଲା ତା'ର ନୁହେଁ ବୋଲି କ'ଣ ଜାଣି ନଥିବ ବିନୟ ! ନିଶ୍ଚୟ ଜାଣିଥିବ ସେ ବାପା ହେବାକୁ ଅସମର୍ଥ ବୋଲି। ତଥାପି...!

– ' ଜାଣ ପ୍ରତୀଚ୍ଚି ! ମୁଁ ଗୋଟିଏ କଥା ତୁମକୁ ଲୁଚେଇ ଥିଲି। ସେଦିନ ପ୍ରତ୍ୟୁଷର କଥାରେ ମୁଁ ବିମର୍ଷ ହୋଇ ଯାଇଥିଲି। ତେଣୁ ଡାକ୍ତରଙ୍କ ପରାମର୍ଶ ନେଇ ନିଜ ଦେହରେ ଗୋଟିଏ ଛୋଟିଆ ଅପରେସନ କରାଇ ନେଇଥିଲି। ଡାକ୍ତର ମୋତେ ଆଶ୍ୱାସନା ଦେଇଥିଲେ ମୁଁ ବାପା ହୋଇ ପାରିବି ବୋଲି। ତା'ପରେ ମନ ପରିବର୍ତ୍ତନ ପାଇଁ ତୁମକୁ ନେଇ ମୁଁ ଉଟି ବାହାରି ଯାଇଥିଲି। ଏତେ ଶୀଘ୍ର ଭଲ ଖବର ପାଇବି ବୋଲି ଆଶା କରି ନଥିଲି।' ବିନୟର ଏ କଥା ପ୍ରତୀଚ୍ଚିକୁ ଆହୁରି ଦ୍ୱନ୍ଦରେ ପକାଇ ଦେଲା।

ପୁତ୍ର ସନ୍ତାନକୁ ନେଇ ଦୁହେଁ ଘରକୁ ଫେରିଲେ ତ ନୂତନ ଅତିଥିଙ୍କୁ ସ୍ୱତନ୍ତ୍ର ଭାବରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଗଲା। ଏକୋଇଶିଆ ପୂଜା ଦିନ ଭୁରି ଭୋଜନରେ ଆପ୍ୟାୟିତ କରାଗଲା ବନ୍ଧୁ ବାନ୍ଧବ ଆତ୍ମୀୟ ସ୍ୱଜନ ଙ୍କୁ।କଥା ପ୍ରସଙ୍ଗରେ ପ୍ରତ୍ୟୁଷ ଙ୍କ କଥା ପଡିଲା। 'ପ୍ରତ୍ୟୁଷ ଥିଲେ ବହୁତ ଖୁସି ହୋଇଥାନ୍ତା, ତା' ଗୋଡ଼ ତଳେ ଲାଗୁନଥାନ୍ତା' ବୋଲି ମନ୍ତବ୍ୟ ଦେଲା ବିନୟ।

ତିକି କଥାରେ ପ୍ରତିଚ୍ଚୀ ଛାତିଟା ଥରି ଉଠିଲା।

–' ତୁମ ପୁଅ ପାଇଁ ସେ କାହିଁକି ଏତେ ଖୁସି ହୋଇଥାନ୍ତେ ?' ଛେପ ଢୋକି କହିଲା ପ୍ରତୀଚ୍ଚି।

–' ଗୋଟିଏ ଗୂଢ କଥା ତୁମକୁ କହିନାହିଁ। ପ୍ରତ୍ୟୁଷର ବାପା ହେବାର କ୍ଷମତା ନାହିଁ। ବହୁତ ଡାକ୍ତର ଦେଖାଇଛି, ଚେଷ୍ଟା କରିଛି। ମାତ୍ର ସୁଫଳ ପାଇନାହିଁ। ସେଥିପାଇଁ ସେ ବାହା ହୋଇ ନାହିଁ।ଆମ ପାଇଁ ତା'ର ମଧ୍ୟ ମନଦୁଃଖ ଥିଲା। ତା'ରି ପରାମର୍ଶରେ , ମୁଁ ନିଜର ଚିକିତ୍ସା କରାଇଥିଲି। ସେ ଆମ ପୁଅ ପାଇଁ ଖୁସି ହୋଇଥାନ୍ତା କି ନାହିଁ କୁହ ! ' ବିନୟର କଥାରେ ପ୍ରତିଚ୍ଚୀ ଏକବାର ହତବାକ ହୋଇଗଲା !

ଦୁଇ ବର୍ଷ ପରେ ପ୍ରତୀଚ୍ଚି ଆଉଥରେ ମାଆ ହେବାକୁ ଯାଉଛି ଜାଣି, ତା' ମନ ଭିତରେ ସେପର୍ଯ୍ୟନ୍ତ ସମ୍ୟକ ଜାଗରିତ ଥିବା ପାପବୋଧ ସଂପୂର୍ଣ୍ଣ ଭାବେ କଟି ଯାଇଥିଲା....!!!!

*କୁଞ୍ଜବିହାରୀ ଲେନ, କଟକ*

## ପବିତ୍ର ପ୍ରେମ

*ରତ୍ନକାନ୍ତି ମିଶ୍ର*



ପ୍ରେମ ମଧୁମୟ ପ୍ରେମ ସୁଧାମୟ
ପ୍ରେମ ଈଶ୍ୱରୀୟ ସତ୍ତା
ପ୍ରେମ ପରିତୃପ୍ତି ଜୀବନର ଶାନ୍ତି
ପ୍ରେମ ପ୍ରଭା ପବିତ୍ରତା ॥

ପ୍ରେମ ନୁହେଁ ସଦା ପ୍ରାପ୍ତିର ପୁଲକ
ଦେହାତ୍ମିକ ବିଜିଗୀଷା
ପଦ୍ମପ୍ରେମ ପରା ଏକ ତ୍ୟାଗର ସ୍ୱାକ୍ଷର
ତିତିକ୍ଷାର ପରିଭାଷା ॥

ପ୍ରେମ ପାଇଁ କେବେ ରିକ୍ତ ଜୀବନରେ
ସୌଭାଗ୍ୟ ହୁଅଇ ପ୍ରାପ୍ତ
ମନ ଓ ଆତ୍ମାର ମିଳନର ପର୍ବ ?
ପ୍ରେମ ମୁଗଧ ମୁଖରିତ ॥

ପ୍ରେମ ଅନାବିଳ ଅମୃତର ବୋଳ
ପ୍ରେମ ସ୍ୱସ୍ତି ଅଭିଳାଷା
ପ୍ରେମ ମମତାର ସସ୍ନେହ ବନ୍ଧନ
ଦରୋଟି ଶବ୍ଦର ଭାଷା ॥

ପ୍ରେମ ପୁଣି କେବେ ଚେତନାର ଉତ୍ସ
ଅନୁପମ ଭାବଧାରା
ପ୍ରେମ ପାଇଁ ସିନା ସଂସାର ସୁନ୍ଦର
ଉତଫୁଲ୍ଲିତ ସସାଗରା ॥

ପ୍ରେମ ଅନୁରାଗ ଖୁସି ସଉରଭ
ପ୍ରେମ ସ୍ୱପ୍ନଲଭ୍ୟ ମାର୍ଗ
ପ୍ରେମ ଅନାବିଳ ଭାବର ବନ୍ଧନ
ପ୍ରେମ ସୁଖଲଭ୍ୟ ସ୍ୱର୍ଗ ॥

*ଆଳି, କେନ୍ଦ୍ରାପଡା*

## ସମୟ ସ୍ରୋତେ

*ସୁଧାକର ରାଉତ*



ଅପସଂସ୍କୃତି ର ସାମିଆନାଟା
ଲମ୍ବିଛି ପୃଥିବୀ ରୁ ଆକାଶ ଯାଏ
ଚାରିଆଡେ ଶୁଭୁଛି
ତାର ପ୍ରଶସ୍ତି ଗାନ ।
ସଂସ୍କୃତି ଲୁଚିଛି ଭୟରେ
ସଭ୍ୟତା ର କେଉଁ କୋଣରେ ।
ଅଳନ୍ଧୁ ଭିତରୁ ମୁହଁ କାଢି
ଚାହିଁ କରୁଛି ବିଳାପ ।
ଭାବୁଛି ବିଦାୟ ବେଳା ତା
ଆସିଗଲା ସତେ ।
ଏ ବର୍ଣ୍ଣାଢ୍ୟ ପରିବେଶ ରେ
କିଏବା ତାକୁ କାହିଁକି
ଭାବିବି ଏତେ ।
ଦରମଳା ଜୀବନ ତା
ବଞ୍ଚିଛି ଯା
ତା ସ୍ମୃତିକୁ ନେଇ ।
କେତେଦିନ ବା ଧରିବ
ତାକୁ ଆଉଜେଇ ।
ସମସ୍ତେ ତ ଚାଲିଛନ୍ତି
ପଛେଇ ପଛେଇ ।
ଆକାଶଟା ହସୁଛି ମନଭରି
ନୂତନତାର ସ୍ୱାକ୍ଷର
ବହନ କରିଥିବା
ଦେଖି ଏ ଚିତ୍ରପ୍ରତିମା ।
ଅପସଂସ୍କୃତିର ଆତ୍ମାଟା
କିନ୍ତୁ ପାଦରେ ନୂପୁରବାନ୍ଧି
ସଂସ୍କୃତି ର ରାଜରାସ୍ତାରେ
ନାଚୁଛି ଧୂଳି ଉଡେଇ ।
ଆଉ ନଈବଢି ପାଣି
ମାଡ଼ିଯାଇଛି ଚାରିଆଡେ ।

*ପ୍ରତାପ ନଗରୀ, କଟକ*
*ମୋ – ୮୨୪୯୯୩୨୭୯୨*

## ଗୋଟିଏ ଛକର ଦୃଶ୍ୟ

*ଆଦ୍ୟାଶା ମହାପାତ୍ର*



କେଟିଲିରୁ ଉଠା ଧୂଆଁ
କି ସୁନ୍ଦର ବାସ୍ନା ଆହା
ସଜଳ ସକାଳ ମନ ମୋହେ
ସୁଡକିରେ ଢୋକେ ଚାହା
ଛକ ପରେ ଲାଗେ ମାୟା
ସୂର୍ଯ୍ୟ ଯେବେ ପୂର୍ବାଶାରେ ଉଏଁ ॥

ଖବର କାଗଜ ବାର୍ତ୍ତା
ଖିଅ ଧରି କୁଜି ନେତା
ବଖାଣେ ଯୋଜନା ରୂପରେଖ
କାହା ଛାତି ତଳେ ରୋଷ
ଓଠରେ ତୀର୍ଯ୍ୟକ ହସ
ବିତଣ୍ଡାରେ ଉଛୁଳଇ ଛକ ॥

ଚଟପଟି ଖାଦ୍ୟ କେତେ
ପ୍ରଲୋଭନ ନାନା ମତେ
ସବୁ ନେଇ ଚାଲେ ବିକ୍ରିବଟା
ଟ୍ରାଫିକ ରୁଲ୍ ନମାନି
ଧକ୍କା ଧକ୍କି କେବେ ପୁଣି
ଛକ ପରେ ଦୃଶ୍ୟ ରକ୍ତ ଛିଟା ॥

ସକାଳୁ ଛକେ ମଣିଷ
ପେଟ ପୋଷ ନାହିଁ ଦୋଷ
ଶ୍ରମ ମୂଲ୍ୟ ନିତି ଦିଆନିଆ,
ମୋହିବାକୁ ମନ କା'ର
ରୂପ ଠାଣି ମନୋହର
ସେଇ ଛକେ ସଞ୍ଜେ କିଏ ଠିଆ ॥

କିଛି ଖୁସି କିଛି ବ୍ୟଥା
କେତେ ଭାଷା କେତେ କଥା
ଦେଖେ ଶୁଣେ ନୀରବରେ ଛକ
କେବେ ଲୁହ କେବେ ଲାସ୍ୟ
ବର୍ଷା,ଶୀତ, ଗ୍ରୀଷ୍ମ ଦୃଶ୍ୟ
ଛକ ଛାତି ପରେ ଅଙ୍କା ଦେଖ ॥

*ନୂଆପଡା, କଟକ*

## ଗୁରୁଜୀ

*ସୁଚରିତା ମହାନ୍ତି*



ଗୁରୁଜୀ ଆମର ମୁହଁ କୁ ଗେଣ୍ଡେଇ
କହୁଥାନ୍ତି କେତେ କଥା,
ତାଙ୍କ ଇଂରାଜୀ, ହିନ୍ଦୀ, ଓଡ଼ିଆ ଶୁଣିଲେ
ବଢ଼ି ଯାଏ ମୁଣ୍ଡ ବ୍ୟଥା ॥
ଗୁରୁଜୀ ଥିଲେ କି ଥିଲେ ଚପରାସୀ
ଜଣା ତ ପଡ଼ ? ନି କିଛି,
ଲୋକ ତାଙ୍କୁ ଯେବେ କାର୍ଟୁନ୍ ସଜାନ୍ତି
ଦେଖିବା ରେ ମଜା ଅଛି ॥
ହାଣ୍ଡିଆ ନିଶା କି ମହୁଲୀ ନିଶା ରେ
ବୁଡ଼ି ରହିଥାନ୍ତି ଗୁରୁଜୀ,
ଉପରେ ଥାଇ ରିମୋଟ କଣ୍ଟ୍ରୋଲ
କଣ୍ଢେଇ ପରିକା ନଚାନ୍ତି ॥
ହାଁ ଜୀ ହାଁ ଜୀ କହିବା ବ୍ୟତୀତ
ଆଉ ସବୁଥିରେ ଥାନ୍ତି ନିରବ,
ଅଜବ ଅଜବ କଥା ତାଙ୍କ ଶୁଣି
ମଣିଷ ହସିବ ନା କୁହ କାନ୍ଦିବ ॥
ସତେକି ଯେମିତି ନୂଆ ସର୍କସ ଆସିଚି
ଆସିଅଛି ନୂଆ ଜୋକର,
କଥା ରେ କାମ ରେ ଅବାଗିଆ ଭାରି
ହାଇ କମାଣ୍ଡ ଦିଅନ୍ତି ପ୍ରହାର॥
ଉଠୁ କହିଲେ ଉଠୁଚନ୍ତି
ବସ କହିଲେ ବସୁଚନ୍ତି
ଗୁରୁଜୀ ଆମର ଏମିତି ମନ୍ତ୍ରୀ ହେଲେ
ସତେକି ଗୋଲାମ ଗିରି କରୁଚନ୍ତି॥

କିଛି ନା କିଛି ଅଡୁଆ ଚଷନ୍ତି
କଥାରେ ନଥାଏ ତାଳ ମେଳ,
ବାଚାଳ ପ୍ରକୃତି ମନରୁ ଯାଇନି
ସେଥିପାଇଁ ସବୁ ଗୋଳମାଳ ॥

କଥା ଦେଇ ଯିଏ କଥା ନ ରଖଇ
ନିଚ୍ ଅଟଇ ସେ ସବୁଠାରୁ ,
ଗରଜିଲା ମେଘ ବରଷେ କି କୁହ
କୁହାଳିଆ ଯେତେ ଭରପୁର ॥

ଇଂରେଜ ଗଲେ ଛାଡ଼ି ଦେଇଗଲେ
ଯେତିକି ଅଇଁଠା ଖିଆ ଚାଟୁ କାର,
ସେଇ ବିଜ ଏବେ ମାଡ଼ି ଯାଉଚନ୍ତି
ମାଡ଼ି ଚାଲେ ଯେତେ ଭ୍ରଷ୍ଟାଚାର॥

*ମାହାଙ୍ଗା, କଟକ*

## ଜିତିବାର ଅଛି ସଦା ସତ୍ୟ ପାଇଁ

*ସୁନୀଲ କୁମାର ପ୍ରଧାନ*



ଅନ୍ୟାୟ ଦମନ କରି
ନ୍ୟାୟ ପାଇଁ ଆମେ ସଂଘର୍ଷ କରିବା
ହେଇଯାଉ ଯେତେ ଡେରି ।
ଡରିଯିବା ନାହିଁ ଭୟ ଦୂର କରି
ସମୟ ସ୍ରୋତକୁ ଧରି
ବଳିଷ୍ଠ ହୋଇବା ସତ୍ୟକୁ ପାଇବା
ଏହା ହିଁ ଆମର ଶିରି ।
ଆସୁଥାଉ କଷ୍ଟ ଦୁଃଖ ଓ ବେଦନା
ନ୍ୟାୟ ପାଇଁ ଦଉଡିବା
ସତ୍ୟ ହିଁ ସବୁଠି ବାଟ ଦେଖାଇବ
ନ୍ୟାୟ ଧ୍ୱଜାରେ ଉଡ଼ିବା ।
ଅନ୍ୟାୟ ବିରୋଧ କରନ୍ତୁ ସବୁଠି
ଯଦି ଠିକ୍ ଜାଣିଛନ୍ତି
ସାହାସ କେବେ ଭାଙ୍ଗିବା ନାହିଁ
ନ୍ୟାୟ ପାଇଁ କେତେ ହୀନସ୍ତା ହୁଅନ୍ତି
ଏହା କିଏ ନ ବୁଝନ୍ତି ।
ମନବଳ ଜମା ଭାଙ୍ଗ ନାହିଁ ଭାଇ
ସାହାସ ମନରେ ରଖ
ଆଜି ହେଉ କାଲି ନ୍ୟାୟ ତ ପାଇବ
ପାଇବା ପରମ ସୁଖ ।

*ଝାଟିପଦର, ପାଲୁର , ଗଂଜାମ*
*ମୋ – ୭୬୦୯୯୩୪୩୬୬*

## ଶେଷ ପାହାଚର ପାଦଚିହ୍ନ

*ଶରତ ମହାନ୍ତି*



ମୁଁ ଯେ ଆଦ୍ୟ ସକାଳର ଅରୁଣିମା
ତୁମେ ସଜଫୁଟା ଫୁଲରାଣୀ,
ମୁଁ ଯେ ପହିଲି ଆଷାଢ଼ ବାରିଧାରା
ତୁମେ ଲାଜକୁଳୀ ନିର୍ଝରିଣୀ ।
ମୁଁ ଯେ ଭଗ୍ନ ମନ୍ଦିରର ଅବଶେଷ
ତୁମେ ମୋ ଗାତ୍ରେ ସ୍ଥାପିତ ମୂର୍ତ୍ତୀ,
ମୁଁ ଯେ ଅତୀତ ଯୁଗର ମୂକସାକ୍ଷୀ
ତୁମେ ଆସ୍ଥାର ସଞ୍ଜ ବତୀ ।
ମୁଁ ଯେ ଗ୍ରୀଷ୍ମର ଉତ୍ତପ୍ତ ଚଲା ପଥ
ତୁମେ ଶାନ୍ତି ପ୍ରଦାୟିନୀ ଛାଇ,
ମୁଁ ଯେ ବୈଶାଖ ମଧ୍ୟାହ୍ନ ତୀକ୍ଷ୍ଣ ରଶ୍ମୀ
ତୁମେ ତୀବ୍ର ସ୍ରୋତସ୍ୱିନୀ ନଈ ।
ମୁଁ ଯେ ଗୋହିରୀ ମୁଣ୍ଡର ଥୁଣ୍ଟା ଗଛ
ତୁମେ ମୋ ଦେହେ ଜଡ଼ିତ ଲତା,
ମୁଁ ଯେ ଶ୍ମଶାନର ସଦ୍ୟ ସମାଧି
ତୁମେ ସମାଧି ଉପର ଚିତା ।
ମୁଁ ଯେ ପଶ୍ଚିମ ଆକାଶେ ଅସ୍ତରଙ୍ଗ
ତୁମେ ସନ୍ଧ୍ୟାର ପୁଣ୍ୟ ଆଳତୀ,
ମୁଁ ଯେ ପାହାନ୍ତି ଆକାଶେ ମଳା ଜହ୍ନ
ତୁମେ ପ୍ରତ୍ୟୁଷ ପବିତ୍ର ଗୀତି ।
ମୁଁ ଯେ ଶେଷ ପାହାଚର ପାଦ ଚିହ୍ନ
ତୁମେ ପ୍ରସ୍ତରେ ଅଲିଭା ରେଖା,
ମୁଁ ଯେ ଲିଭିଯାଇଥିବା ଇନ୍ଦ୍ରଧନୁ
ତୁମେ ଉଜ୍ୱଳ ଆଲୋକ ଶିଖା ।ମ
ଆକାଶ ପୃଥିବୀ ପରି ଯେ ଦୂରତା
ଆମ ମଧ୍ୟେ କାଳେ କାଳେ,
ହେଲେ ଆମେ ଦୁହେଁ ଏବେବି ଏକାଠି
ଦୂର ଦିଗ୍ ବଳୟ କୋଳେ ।

*ମଙ୍ଗଳପୁର, ଦଶରଥପୁର, ଯାଜପୁର*

## ବିବାହ ବାର୍ଷିକୀ

*ଲୋକନାଥ ମହାପାତ୍ର*

ବାର ବର୍ଷ ତଳେ ଆଜିର ଦିନରେ
ଆମ ହୋଇଥିଲା ବାହାଘର
ଶଙ୍ଖ ମହୁରୀ ବରଯାତ୍ରୀ ନେଇ
ଧରିଥିଲି ତୁମ୍ଭ କର
ସେହି ହାତ ଧରି ଚାଲୁଅଛି ମୁହିଁ
ଚାଲୁଥିବି ସୁଖେ-ଦୁଃଖେ
ଧରି ସେହି ହାତ ଚାଲୁଥିବି ବାଟ
ଅନ୍ଧାର ହେଉ ବା ଆଲୋକେ
ବାର ବର୍ଷ ତଳେ ଆଜିର ଦିନରେ
ଛାଡି ପିତା-ମାତା ଘର
ସେବା ସ୍ନେହ ଦେଇ ଆଦରି ନେଇଛ
ପରଙ୍କୁ ଭାବି ନିଜର
କେତେ କଷ୍ଟ ସହି ଅତି ଯତନରେ
ପାଳିଛ ଦୁଇ ସନ୍ତାନ
ସନ୍ତାନ କେବଳ ନୁହନ୍ତି ସେମାନେ
ସତେକି ଦୁଇ ରତନ
କେଉଁ ଉପହାର ଦେଇ ଅବା ମୁହିଁ
ଶୁଝିବି ତୁମ ଉପକାର
ତୁମ ଉପକାର ଆଗେ ତୁଲ ନୁହଁ କିଛି
ତୁଚ୍ଛ ସବୁ ଉପହାର ।

*ଗୋଲାପଲ୍ଲୀ ସାହି ବ୍ରହ୍ମପୁର*

## କାହିଁ ଏତେ ଭଲ ପାଉଛ

*ନିରଞ୍ଜନ ସାହୁ*



କେହି ମୋତେ ଏଠି ଭଲ ପାଆନ୍ତିନି
ତୁମେ କିମ୍ବା ଭଲ ପାଉଛ
ନିନ୍ଦୁକମାନଙ୍କ ଆଗରେ କାହିଁକି
ମୋହରି ପ୍ରଂଶସା ଗାଉଛ ?

କେଉଁ ସ୍ୱାର୍ଥ ତୁମେ ପାଇବ ମୋ ଠାରୁ
ମୋତେ ଆପଣାର କର
ମୋ ସୁରକ୍ଷା କଥା ଚିନ୍ତାକରି ତୁମେ
ହୋଇଥାଅ ଆଗଭର
ମୋ ପାଇଁ କାହିଁକି ଏହି ଦୁନିଆରୁ
ଏତେ ନିନ୍ଦା, ଗାଳି ଖାଉଛ ?

ମୁଁ କିଏ ତୁମର ତୁମେ କିଏ ମୋର
ଏକଥା ଅଛି କି ଜଣା
ମୋ ପାଇଁ ଅଯଥା ଓକିଲାତି କରି
ହେଉଅଛ ବାଟବଣା
ପର ପାଇଁ କିମ୍ବା କଟୁକଥା କହି
କଳଙ୍କର ଟୀକା ନାଉଛ ?

ତିନି ତୁଣ୍ଡରେ ତ ଛେଳିଟା କୁକୁର
ଏକଥା ଯାଅନା ଭୁଲି
ସମାଜର ଲୋକେ ଭର୍ତ୍ସନା କରିବେ
ଚାରିଆଡେ ବୁଲିବୁଲି
ବୁଝି ମୁଁ ପାରୁନି ପ୍ରତିବାଦ କରି
ମୋ ସପକ୍ଷେ କିମ୍ବା ଯାଉଛ ?

*ନିହଲ ପ୍ରସାଦ , ଗଁଦିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ :-- ୯୯୩୮୭୪୧୫୮୩*

## ସମୁଦ୍ର

*କବିରତ୍ନ ନୂତନ କୁମାର ବେହେରା*



କେବଳ ତୁମେ ନୁହଁ
ତୁମ ତନୁ ମନରୁ ... ତୁମ ପ୍ରେମ ଯାଏଁ
ମୋତେ ସବୁ ଲାଗେ
ଏକ ଏକ ସମୁଦ୍ର ...ମହା ସମୁଦ୍ର ପରି
କଳି ପାରେନା ତୁମ ବିସ୍ତାରିତ ପୃଷ୍ଠର
ସେ ଦୀର୍ଘତା କି ଗଭୀରତାକୁ
ମୁଁ ତ ସାମାନ୍ୟ ଏକ କ୍ଷୁଦ୍ର ଟାପୁ
ତଥାପି ସ୍ୱପ୍ନ ମୋର ଛୁଏଁ ଚକ୍ରବାଳ
ଆଶା ଲମ୍ବିଥାଏ ଅପରାହ୍ନର ଛାଇ ଭଳି
ଯଦିଓ ତୁମରି ଘେର ଭିତରେ
ହୋଇଛି ମୁଁ ଘେରା
ମୁଁ ମନ୍ଥିଲେ ମୋ ମନକୁ
ତୁମର ତରଙ୍ଗରେ ମାଡ଼ି ଆସେ
ପ୍ରଥମରେ ହଳାହଳ ବିଷ
ସେ ବିଷ ପିଇ ମୁଁ ହୋଇ ପାରୁନି
ମୃତ୍ୟୁଞ୍ଜୟୀ ନୀଳକଣ୍ଠ
ମୁଁ ତ ଏ ମାଟିର ଏକ ଜଡ଼ ପିଣ୍ଡ ମାତ୍ର
ତୁମେ ଯେବେ ନିଅ
ସୁନାମି ଢେଉର ଭୟଙ୍କର ରୂପ
ବୁଡ଼ାଅ ମୋତେ ତୁମ ଗର୍ଭରେ
ମୁଁ ମରେ ପୁଣି ଜୀଏଁ
ତୁମରି ଦୟାରେ... ଇଚ୍ଛାରେ
ମୁଁ ଅଛି ତୁମ ଅଧୀନରେ
ମୋ ଜୀବନେ ସ୍ୱାଧୀନତା କାହିଁ
ତୁମ ବଶରେ ରହି ମଧ୍ୟ
ବିବଶରେ କରେ ଗର୍ବ ଅହଙ୍କାର
ନିଜକୁ ବୁଝେନା ତୁମକୁ କରେ ସମୀକ୍ଷା
ନିଜର ଭୁଲ୍ ନ ସୁଧାରି
ତୁମକୁ କରେ ନିନ୍ଦା
ତୁମ ଉପରେ ରଖେନା ବିଶ୍ୱାସ
ତୁମ ପ୍ରୀତିରେ ପ୍ରେମରେ
ହୁଏନା ତୃପ୍ତ ପାଏନା ଶାନ୍ତି ସନ୍ତୋଷ
ଶଙ୍କା ସନ୍ଦେହ ଛନ୍ଦି ଦିଅନ୍ତି ବାଟ
ମୁଁ ହୁଏ ବଣା...ଅନ୍ଧାର କଣା
ଆସେନା ହୃଦୟକୁ ଭକ୍ତି
ଅବକ୍ଷୟ ହୁଏ ମୋର ଆତ୍ମଶକ୍ତି
ମନ୍ଥନରୁ ଅମୃତ ବାହାରିବା ପର୍ଯ୍ୟନ୍ତ
ଉତ୍କଣ୍ଠାର ସହିତ କରେ ନାହିଁ ପ୍ରତୀକ୍ଷା
ହୁଏ ବ୍ୟସ୍ତ ବିବ୍ରତ
ବାରମ୍ବାର ଭାଙ୍ଗି ପଡ଼େ ମୋର ଧୈର୍ଯ୍ୟ
ଗଛର ଡାଳ ପରି ଖଣ୍ଡ ଖଣ୍ଡ
ସାହସ ହୁଏ ଅକୁଳାଣ
ସମୟକୁ ପାରେ ନାହିଁ ଧରି
ମୋ'ଠୁ ଯାଏ ଦୂରେଇ ପ୍ରାଣବାୟୁ ପରି
ତୁମେ ଯେ ଏକ ସମୁଦ୍ର ପରି ...।

*କୋହି,ବାରିପଦା,ମୟୂରଭଞ୍ଜ*




# ଓଡ଼ିଶାର ସାମଗ୍ରିକ ବିକାଶ କେବଳ କଂଗ୍ରେସ ହିଁ କରିଛି ଏବଂ କରିବ

ଭୁବନେଶ୍ୱର (ପିଏନ୍)- ଜନସଂପର୍କ ଯାତ୍ରାର ପ୍ରଥମ ପର୍ଯ୍ୟାୟର ତୃତୀୟ ଦିନରେ ବାଲେଶ୍ୱର ଆଇଟିଆଇ ପଡ଼ିଆରେ ଆୟୋଜିତ ଏକ ସାଧାରଣ ସଭାରେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କଂଗ୍ରେସ ନେତୃବର୍ଗ, କର୍ମୀ ଓ ସାଧାରଣ ଜନତାଙ୍କୁ ସମ୍ବୋଧିତ କରି କହିଲେ ଯେ ବାଲେଶ୍ୱର ମାଟି ହେଉଛି ବ୍ୟାସକବି ଫକୀର ମୋହନଙ୍କର ମାଟି। ଏ ବାଲେଶ୍ୱର ଜିଲ୍ଲା ଧାନ, ପାନ ଓ ମିନର ଜିଲ୍ଲା। ଆଜି ଓଡ଼ିଶାରେ ଯେଉଁ କିଛି ବୃହତ ଶିଳ୍ପ ଆପଣ ଦେଖୁଛନ୍ତି ତାହା କେବଳ କଂଗ୍ରେସ ସରକାର ସମୟରେ ହିଁ ହୋଇଥିଲା। ସେ ପାରାଦ୍ୱୀପ ବନ୍ଦର, ରାଉରକେଲା ଷ୍ଟିଲ ପ୍ଲାଂଟ, ନାଲକୋ, ହାଲ, ଗୋଳାବାରୁଦ କାରଖାନାଠାରୁ ଆରମ୍ଭ କରି ଚିଲିକାରେ ନୌବାହିନୀ ତାଲିମ କେନ୍ଦ୍ର ଇତ୍ୟାଦି ଏହାର ମୂକସାକ୍ଷୀ। ଭାରତବର୍ଷର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କର ପ୍ରଧାନମନ୍ତ୍ରିତ୍ୱ କାଳରେ ଓଡ଼ିଶାର ଶିଳ୍ପ ବିକାଶ ଓ ଓଡ଼ିଶାର ଭବିଷ୍ୟତର ଇତିହାସ ଲେଖାଯାଇଥିଲା। ସେହିଭଳି ଭାବରେ କଂଗ୍ରେସ ସରକାର ସମୟରେ ରାଜ୍ୟରେ ଶିଳ୍ପର ବାତାବରଣକୁ ସୃଷ୍ଟି କରିବା ପାଇଁ ପ୍ରତ୍ୟେକ ଜିଲ୍ଲାର ଶିଳ୍ପାଂଚଳ ସୃଷ୍ଟି କରାଯାଇ ବହୁ ଶିଳ୍ପ ପ୍ରତିଷ୍ଠା କରାଯାଇଥିଲା। ବାଲେଶ୍ୱର ଜିଲ୍ଲାରେ ବିର୍ଲା ଟାୟାର୍ସ, ପୋଲାର ଲାଟେକ୍ସ, ଇସ୍ପାତ ଆଲଓ୍ୱେଜ ଏବଂ ଗ୍ୟାସ ସିଲିଣ୍ଡର ଉତ୍ପାଦନ କାରଖାନା ମଧ୍ୟ କରାଯାଇଥିଲା। ଶିକ୍ଷାର ବିକାଶ ପାଇଁ ଶିଳ୍ପ ତାଲିମ କେନ୍ଦ୍ରଠାରୁ ଆରମ୍ଭ କରି ବହୁ ନୂଆ କଲେଜ, ବିଦ୍ୟାଳୟମାନ ପ୍ରତିଷ୍ଠା କରାଯାଇଥିଲା। କିନ୍ତୁ ଦୁଃଖର କଥା ମୁଖ୍ୟମନ୍ତ୍ରୀ ଦୀର୍ଘ ୧୦ବର୍ଷ କାଳ ଧରି ଦେଶ ଭିତରେ ଏବଂ ଦେଶ ବାହାରେ ପୁଂଜିପତିମାନଙ୍କୁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ବହୁ ବୈଠକ କରୁଛନ୍ତି। ସରକାର ନିଜେ କହୁଛନ୍ତି ଲକ୍ଷ ଲକ୍ଷ କୋଟି ଟଙ୍କାର ପୁଂଜି ଆସିଛି କିନ୍ତୁ ବାଲେଶ୍ୱର ଜିଲ୍ଲାରେ ଏହି ୨୨ ବର୍ଷ ଭିତରେ କେତୋଟି ଶିଳ୍ପ ହୋଇଛି ବୋଲି ପ୍ରଶ୍ନ କରିଛନ୍ତି ଶରତ। ଏ ଜିଲ୍ଲାର ବହୁ ଲୋକଙ୍କର ଜୀବନରେଖା ଥିଲା ବିର୍ଲା ଟାୟାର୍ସ, ବାଲେଶ୍ୱର/ଇସ୍ପାତ ଆଲଓ୍ୱେଜ ଆଜି ବନ୍ଦ କାହିଁକି। ମୁଖ୍ୟମନ୍ତ୍ରୀ ଏ ଶିଳ୍ପପତିଙ୍କ ସହିତ କେତେଥର ଆଲୋଚନା କରିଛନ୍ତି। କେତୋଟି କୃଷିଭିତିକ ଶିଳ୍ପ ଏ ଜିଲ୍ଲାରେ ଅଛି। ରାଜ୍ୟ ସରକାର କହିବେ କି ଶୀତଳ ଭଣ୍ଡାର କେଉଁ କେଉଁ ଜାଗାରେ କରିଛନ୍ତି। ଆଜି ସାରା ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି ନିଜର କର୍ମନିଯୁକ୍ତି ପାଇଁ। ୨୨ ବର୍ଷପରେ ଓଡ଼ିଶା ଆଜି ସବୁ କ୍ଷେତ୍ରରେ ପଛୁଆ। ଏପରିକି ରୋଜଗାର କ୍ଷେତ୍ରରେ ଆମେ ଝାଡ଼ଖଣ୍ଡ, ବିହାର ଠାରୁ ମଧ୍ୟ ପଛୁଆ। ଏ ଜିଲ୍ଲାର କୃଷକ ଭାଇଙ୍କ କଥା କହିବି ନାହିଁ। ବାରମ୍ବାର ପ୍ରତିଶୃତି ଦିଆଯାଇଥିଲା ଯେ ପ୍ରତ୍ୟେକ ବ୍ଲକରେ ସର୍ବନିମ୍ନ ୩୫% ଜଳସେଚନ କରାଯିବ ବୋଲି। ୨୦୦୯ରେ ଦେଇଥିବା ପ୍ରତିଶୃତିକୁ ୨୦୨୨ରେ ବି ପୂରଣ ହୋଇପାରିଲା ନାହିଁ। ମୁଖ୍ୟମନ୍ତ୍ରୀଙ୍କର ଆନ୍ତରିକତା ନାହିଁ, ନିଷ୍ଠା ନାହିଁ ରାଜ୍ୟକୁ ଆଗକୁ ନେବାପାଇଁ। ପ୍ରତିଦିନ ମାଳ ମାଳ ଯୋଜନା ଏତେ ଯୋଜନା ପରେ ମଧ୍ୟ କାହିଁକି ଏ ସମସ୍ତ ଯୋଜନା ରାଜ୍ୟର ଜନଜୀବନର ସାମୂହିକ ପରିବର୍ତନ କରିପାରିଲା ନାହିଁ। ଗୋଟେ ରାଜ୍ୟର ଭବିଷ୍ୟତ ଜୋତା, ଛତା, ଲାପଟପ, ସାଇକେଲ, ଦୁଇହଳ ପୋଷାକ ଓ ଅଣ୍ଡା ଦ୍ୱାରା ନିର୍ଦ୍ଧାରଣ କରାଯାଇପାରିବ ନାହିଁ। ଏଥିପାଇଁ ଯୋଜନା ସହିତ ନିଷ୍ଠାର ଆବଶ୍ୟକତା ରହିଛି। କଂଗ୍ରେସ ସରକାର ଆସିଲେ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଜୁଳି ସମସ୍ତଙ୍କୁ ଯୋଗାଇ ଦିଆଯିବ। ଏ ଜିଲ୍ଲାର ନୂତନ ଶିଳ୍ପ ପ୍ରତିଷ୍ଠା କରିବା ସହିତ କୃଷି ବିଶ୍ୱବିଦ୍ୟାଳୟ ତୁରନ୍ତ ସ୍ଥାପନ କରିବୁ। ଆମେ ଯେଉଁ ଏମ୍ସ ହସପିଟାଲ କରିଥିଲୁ ଏହାକୁ ପୂର୍ଣ୍ଣ କ୍ଷମତା ବିଶିଷ୍ଟ ହସପିଟାଲ କରିବୁ। ମୋର କଂଗ୍ରେସ କର୍ମୀ ଭାଇମାନଙ୍କୁ ଓ ନେତୃବର୍ଗଙ୍କୁ ଯୋଡ଼ହସ୍ତରେ ନିବେଦନ ଆମେ ସମସ୍ତେ ସମସ୍ତ ମନୋମାଳିନ୍ୟକୁ ଭୁଲି ଏକ ହୋଇ କଂଗ୍ରେସକୁ ରାଜ୍ୟ ଶାସନକୁ ଆଣିବୁ। ବାଲେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ସଂଜିବ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ମନ୍ତ୍ରୀ ଯୁଧିଷ୍ଠିର ଜେନା, ପୂର୍ବତନ ବିଧାୟକ ଗୋପନାରାୟଣ ଦାସ, ଦେବାଶିଷ ପଟ୍ଟନାୟକ, ଅକ୍ଷୟ ଆଚାର୍ଯ୍ୟ, ପିସିସି ଉପସଭାପତି ସୁରେଶ ମହାପାତ୍ର, କିଶୋର ଜେନା, ଶୁଭେନ୍ଦୁ ମହାନ୍ତି, ଲୋକନାଥ ମହାରଥି, ଜ୍ଞାନରଂଜନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ଅର୍ଚ୍ଚନା ନନ୍ଦି, ପ୍ରଜ୍ଞା ମହାନ୍ତି, ମମତା କୁଣ୍ଡୁ, ଚିତ ଷଡ଼ଙ୍ଗୀ, ମନୋଜମଂଜରି ଦେବୀ, ବିଜନ ଦାସ, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ବିଶ୍ୱଜିତ ଦାଶ, ମୟୁରଭଂଜ ଜିଲ୍ଲା କଂଗ୍ରେସ ସଭାପତି ହେମନ୍ତ ଦାସ, ସୁଦର୍ଶନ ଦାସ, ସତ୍ୟଶିବ ଦାସ, ରାଜ୍ୟ ସାମାଜିକ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ, ରଂଜନ ଦାସ, ଗୌତମ ସାହୁ, ପଦ୍ମାକର ଗୁରୁ ସମେତ ଜିଲ୍ଲାର ସମସ୍ତ ବ୍ଲକ କଂଗ୍ରେସ ସଭାପତିଗଣ ଏବଂ ଜିଲ୍ଲାର କଂଗ୍ରେସର ଯୁବ ମହିଳା, ଛାତ୍ର କର୍ମୀ ହଜାର ହଜାର ସଂଖ୍ୟାରେ ଯୋଗଦେଇଥିଲେ। ଶେଷରେ ପିସିସି ସଂପାଦକ ଅର୍ଚ୍ଚନା ନନ୍ଦି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ପିସିସି ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଆଇଟିଆଇ ପଡ଼ିଆ ପର୍ଯ୍ୟନ୍ତ ନିଆଯାଇଥିଲା। ଏଠାରେ ସୂଚାଇ ଦେଉଛିକି ଏହିପରି ଜନସଂପର୍କ ଯାତ୍ରା ପରବର୍ତୀ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଜିଲ୍ଲାରେ ଅନୁଷ୍ଠିତ ହେବ।

# ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ଆଜି ଉତ୍କଳ ଦିବସ। ଏକ ଜାତି, ରାଜ୍ୟ ସର୍ବୋପରି ଆମ ସମସ୍ତଙ୍କ ପାଇଁ ସ୍ୱାଭିମାନ, ଆତ୍ମ ସମ୍ମାନ, ଆତ୍ମ ମନ୍ଥନ, ଆତ୍ମ ଚିନ୍ତନର ଦିନଟି। ୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃୟାରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ୍ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାସଭା ଏବଂ ବିଭିନ୍ନ ଫୋରମ୍‌ରେ ସ୍ୱଭାବ ସୁଲଭ ଢ଼ଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦଙ୍କୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ୍ ଅଟ୍ଟଲୀ ମଧ୍ୟ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ। କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା। ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା।

# ଦୀପ ତଳ ଅନ୍ଧାର: ସାଇ ନଗର ବାସିନ୍ଦା କ'ଣ ସରକାରଙ୍କ ସାବତ ପୁଅ ?



ଭୁବନେଶ୍ୱର (ପିଏନ୍): ଗତ ୭ ଏପ୍ରିଲ ୨୦୨୧ ଠାରୁ ଭୁବନେଶ୍ୱର ମ୍ୟୁନିସିପାଲ କମିଶନର ଭୁବନେଶ୍ୱରସ୍ଥିତ ୨୨ ନଂ ଓ୍ୱାର୍ଡର ସାଇ ନଗର ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ କରିଥିଲେ ଏବଂ ପୁନର୍ବାର ୧ ଏପ୍ରିଲ ୨୦୨୨ ମାନନୀୟା ଡେପୁଟୀ ମେୟରଙ୍କୁ ସ୍ଥାନୀୟ ବାସିନ୍ଦାମାନେ ଲିଖିତ ଭାବେ ଅଭିଯୋଗ ଦାଖଲ କରିଥିଲେ। ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଏବଂ ପରିମଳ ବ୍ୟବସ୍ଥା ଯଥାଶୀଘ୍ର ଆରମ୍ଭ କରିବା ପାଇଁ କିନ୍ତୁ ବିଡମ୍ବନାର ବିଷୟ ବର୍ଷେରୁ ଉର୍ଦ୍ଧ୍ୱ ପୁରିବାକୁ ବସିଲାଣି ସ୍ଥାୟୀ ବାସିନ୍ଦାଙ୍କର ଗୁହାରିକୁ କର୍ତୃପକ୍ଷ କୌଣସି ପରିସ୍ଥିତିରେ କର୍ଣ୍ଣପାତ କରିଲେ ନାହିଁ। ଯାହାଫଳରେ ଲୋକମାନେ ନିଜର ମୌଳିକ ଅଧିକାର ପାଇପାରୁନାହାଁନ୍ତି। ସାଇ ନଗର ଯୋଉଟା କି ବିଏମ୍‌ସିର ଓ୍ୱାର୍ଡ ନଂ-୨୨ ଅନ୍ତର୍ଗତ। ୫ଟି ଲେନ୍ ବିଶିଷ୍ଟ ଏବଂ ୭୦ଟି ଘର, ୧୫୦ ପ୍ଲଟ ବର୍ତମାନ କାର୍ଯ୍ୟ ଚାଲିଛି। ୫୦୦ ଜଣ ସ୍ଥାନୀୟ ବାସିନ୍ଦା ଗତ ୧୪ବର୍ଷ ହେଲା ସେହି ଯାଗାରେ ରହିଆସୁଛନ୍ତି। ଦୁଃଖ ଓ ବଡମ୍ବନାର ବିଷୟ କି ଅଭିଯୋଗର ବର୍ଷେରୁ ଉର୍ଦ୍ଧ୍ୱ ପୁରିଗଲେ ସୁଦ୍ଧା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସମସ୍ତ ବାସିନ୍ଦାମାନେ ବିଏମ୍‌ସିକୁ ହୋଲ୍‌ଡିଙ୍ଗ ଟ୍ୟାକ୍ସ ଦେଉଛନ୍ତି। ଉକ୍ତ ସାଇ କଲୋନୀରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ, ବରିଷ୍ଠ ନାଗରିକ, ମହିଳା ଏବଂ ଛାତ୍ରଛାତ୍ରୀ ବସବାସ କରୁଛନ୍ତି। ବର୍ଷାଦିନ ଆସିଗଲାଣି ପକ୍କା ରାସ୍ତା ଏବଂ ପରିମଳ ବ୍ୟବସ୍ଥା ନଥିବାରୁ ସାଧାରଣରେ ଲୋକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ସାଇ ନଗର ଓ୍ୱାର୍ଡ ନଂ-୨୨ (ଶ୍ୟାମପୁର) ବାସିନ୍ଦାମାନେ ସରକାରଙ୍କ ନିକଟରେ ଅନୁରୋଧ କରିଛନ୍ତି କି ସରକାର ନିଜର ବୈମାତୃକ ମନୋଭାବ ପୋଷଣ ନକରି ଯଥାଶୀଘ୍ର ପକ୍କା ରାସ୍ତା, ଡ୍ରେନ ଏବଂ ପରିମଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତୁ।

# କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ

***ଶିକ୍ଷାବିତ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ "ବରୀ ଗୌରବ ସମ୍ମାନ" ପ୍ରଦାନ***



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା-ଯାଜପୁର ପ୍ରତିଭା ପୂଜା ସଂସଦ ପକ୍ଷରୁ ଓଡିଶା ପ୍ରତିଭା ସମ୍ବର୍ଦ୍ଧନା ଉତ୍ସବ ଇନ୍ଦୁପୁରସ୍ଥିତ ମା' ଚଣ୍ଡୀଦେବୀଙ୍କ ପୀଠରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସୁବାସ ଚନ୍ଦ୍ର ମଜୁମଦାରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଉଦଘାଟକ ଭ ।ବେ ଯୋଗଦେଇ ଅଦ୍ୱୈତ ସାର ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, ନିଷ୍ଠାପର ସମାଜସେବୀ ଓ ଜଣେ ଉତ୍ସର୍ଗୀକୃତ ମଣିଷ ଭାବରେ ସମାଜର ସେବା ପାଇଁ ନିଜକୁ ଉତ୍ସର୍ଗ କରିଥିବା ଜଣେ ବିରଳ ବ୍ୟକ୍ତିତ୍ୱ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ତୁଳସୀ ମହିଳା କଲେଜ ଅଧ୍ୟକ୍ଷ ପ୍ରଫେସର ଅଜୟ ସାମଲ ଓ ସମ୍ମାନୀତ ଅତିଥି ଭାବେ ଇନ୍ଦୁପୁର ସରପ ପ୍ରଦୀପ୍ତ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଳିକ, ଗମୁ ସରପ ଜଗଦିଶ ଜେନା, ଶିକ୍ଷାବୀତ ନୀଳମାଧବ ପତି, ଶିକ୍ଷାବୀତ ହେମନ୍ତ ମହାପାତ୍ର, ସଚିଦାନନ୍ଦ ମହାପାତ୍ର, ପର୍ଶୁରାମ ସ୍ୱାଇଁ, ସମାଜସେବୀ ଶ୍ରୀବତ୍ସ ନାୟକ, ପରିବେଶବିତ କାଶିନାଥ ରାଉତରାୟ ପ୍ରମୁଖ ଯୋଗଦେଇ ଶ୍ରୀ ଜେନାଙ୍କ ଉତ୍ସର୍ଗୀକୃତ ଜୀବନୀ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବରିଷ୍ଠ ଶିକ୍ଷାବିତ, ସମାଜ ସଂସ୍କାରକ ଅଦ୍ୱୈତ ବଲ୍ଲଭ ଜେନାଙ୍କୁ ସଂସଦ ପକ୍ଷରୁ ଅତିଥିମାନେ ମାନପତ୍ର, ପୁଷ୍ପମାଲ୍ୟ, ପଗଡି ଓ ଉ ରୀୟ ପ୍ରଦାନ ପୂର୍ବକ "ବରୀ ଗୌରବ ସମ୍ମାନ"ରେ ସମ୍ମାନୀତ କରିଥିଲେ। ଏଥିସହିତ ବାରୁଣି ତୀର୍ଥ ଉନ୍ନୟନ କମିଟି ପକ୍ଷରୁ ମଧ୍ୟ ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରକାଶ କୁମାର ଜେନା ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କୁ "ବାରୁଣି ତୀର୍ଥ ସେବା ସମ୍ମାନ" ପ୍ରଦାନ କରିଥିଲେ। ଶିକ୍ଷାବିତ ପ୍ରଣବ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷାବିତ ମୁରଲୀଧର ବିଶ୍ୱାଳ ସମ୍ପାଦକୀୟ ବିବରଣୀ ପାଠ ଓ ପାୟଲ ମ୍ୟୁଜିକ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପରିଚାଳନାରେ ଦେବେନ୍ଦ୍ର କୁମାର ରାଉତ, ପ୍ରକାଶ ଜେନା, ଜ୍ଞାନେନ୍ଦ୍ର ବାରିକ, ରାମନାରାୟଣ ସିଂହ, ଚନ୍ଦନ ସାହୁ, ବିଜୟ କେତନ ଜେନା, ଗୌରାଙ୍ଗ ଚରଣ ସାହୁ, ବିଜୟ କୁମାର ସାହାଣୀ, ବେଣୁଧର ନାୟକ, ପୂର୍ବତନ ସରପ ବିଜନ ମଲିକ, ପୂର୍ବତନ ଧୂମାତ ସରପ ନରହରି ପାଣି, ଚିରଞ୍ଜନ ରାଉତ ପ୍ରମୁଖ ସହଯୋଗ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଶ୍ରୀ ଜେନାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇ ଶତାଧିକ ଶୁଭ ଚିନ୍ତକ ମା' ଚଣ୍ଡୀଦେବୀଙ୍କ ନିକଟରେ ସମୂହ ଦୀପଦାନ କରିବା ପରେ ମା' ବାସୁଳାଇ ସଂକୀ ର୍ନ ଦଳ ମା'ଙ୍କ ପୀଠରେ କୀ ର୍ନ କରିଥିଲେ।

# ଏଜିଏଫ୍ ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳିତ

କେନ୍ଦୁଝର (ପିଏନ୍): ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ମାଟକାମବେଡା ସ୍ଥିତ ଚମ୍ପୁଆ ବସ୍ତି ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରିୟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀର ଅପରେସନ ହେଡ ଡକ୍ଟର ଚୈତନ୍ୟ ଚରଣ ଗିରି, ସମ୍ମାନୀତ ଅତିଥିଭାବେ ଚିଫ୍ ଟେକନିକାଲ ଅଫିସର ପି. ସୁରଜ ପ୍ରସାଦ, କାଉନସିଲର ସୁବ୍ରତ ପାତ୍ର ଯୋଗଦେଇ ପରିବେଶର ସୁରକ୍ଷା ସମସ୍ତଙ୍କର କ ର୍ବ୍ୟ ବୋଲି କହିଥିଲେ। ଏଥିପାଇଁ ସମସ୍ତେ ଗଛ ଲଗାଇବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଦିଆଯାଇଥିଲା। ଏହାପରେ ସ୍କୁଲ ପରିସରରେ ବନୀକରଣ କରାଯିବା ପରେ ବାଡି ବଗିଚାରେ ବୃକ୍ଷରୋପଣ ପାଇଁ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଗୋଟିଏ ଗଛ ବ ନ କରାଯାଇଥିଲା। ଆରିୟା ଗ୍ରୁପ ଫାଉଣ୍ଡେସନ ପକ୍ଷରୁ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ସ୍କୁଲ ବ୍ୟାଗ ବ ନ ହୋଇଥିଲା। କାର୍ଯ୍ୟକ୍ରମକୁ କମ୍ପାନୀର ଡେପୁଟି ମ୍ୟାନେଜର ବିଭୂତି ଭୂଷଣ ମହାନ୍ତି, ବଂଶିଧର ରାଉତ, ଅନୀଲ ମିଶ୍ର, ପୁଷ୍ପା ଆପଟ୍ଟ, ପ୍ରଫୁଲ୍ଲ ମହାନ୍ତ, ଶିବ ମୁଣ୍ଡାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ




କେନ୍ଦୁଝର (ପିଏନ୍): ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ, କେନ୍ଦୁଝର ଶାଖାର ବାର୍ଷିକ ସମ୍ମିଳନୀ କେନ୍ଦୁଝର ଜିଲ୍ଲା କ୍ରୀଡାସଂସ୍ଥାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଭୁବନାନନ୍ଦ ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ରାଜସ୍ୱ କ୍ଷେତ୍ର ଅଧିକାରୀମାନଙ୍କର ବିଭିନ୍ନ ସୁବିଧା ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। ଏହି ସଭାରେ ରାଜସ୍ୱ ନିରୀକ୍ଷକ ତଥା ସହ-ରାଜସ୍ୱ ନିରୀକ୍ଷକଙ୍କର ବିଭିନ୍ନ ଦାବିକୁ ଉପସ୍ଥାପନ କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯିବାକୁ ସଭାରେ ନିଷ୍ପ ି ନିଆଯାଇଥିଲା। ସଭାରେ ସହ-ରାଜସ୍ୱ ନିରୀକ୍ଷକମାନଙ୍କର ପଦୋନ୍ନତିରେ ଥିବା ଅସଂଗତିକୁ କିପରି ଦୂର କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ ସମ୍ମିଳନୀରେ ଗୋବିନ୍ଦ ବିନ୍ଧାଣୀ, ମୀନକେତନ ଦାସ, ନରେଶ କୁମାର ମହାନ୍ତି, ଶରତ କୁମାର ବେହେରା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ତରଣୀ ପାତ୍ର, ଶୁଭେନ୍ଦୁ ପାତ୍ର, ରତିରମଣ ମହାନ୍ତ, ସଂପଦ ପ୍ରଧାନ, ଅରବିନ୍ଦ ସାହୁ, ପୁରୁଷୋ ମ କୁଅଁର, ସୁଶାନ୍ତ ସେଠୀ, ନକୁଳ ସେଠୀ, ମିନତୀ ନାଏକ, ସରଣ କୁମାର ଦାସଙ୍କ ସମେତ ଜିଲ୍ଲାର ସମସ୍ତ ରାଜସ୍ୱ ନିରୀକ୍ଷକ ଓ ସହ-ରାଜସ୍ୱ ନିରୀକ୍ଷକ ଯୋଗ ଦେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆର୍.ଆର୍.ଟି.ସି ପକ୍ଷରୁ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ଆଠ ଦିନିଆ ୱେବିନାର ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର(ପିଏନ)- ଆଜି ଏନ୍.ଆର୍.ସି.ଡବ୍ଲ୍ୟୁ.ଡି ଦ୍ୱାରା ପରିଚାଳିତ ଆର୍.ଆର୍.ଟି.ସି ତରଫରୁ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟ,ଭାରତ ସରକାରଙ୍କ ସହଯୋଗରେ ଭୁବନେଶ୍ୱରସ୍ଥ ଆର୍.ଆର୍.ଟି.ସି ସଭାଗୃହରେ ବିଶ୍ୱ ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ପଦ୍ମଶ୍ରୀ ଡକ୍ଟର ପ୍ରଫୁଲ୍ଲ କୁମାର ଜେନା ଓ ଡକ୍ଟର ସେବା ମହାପାତ୍ରଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଗୁଗୁଲ୍ ମିଟ୍ ଜରିଆରେ ଆଠଦିନିଆ ୱେବିନାର୍ ଶୁଭ ଉଦ୍‌ଘାଟିତ ହୋଇଯାଇଛି । ଉକ୍ତ ୱେବିନାରରେ ଅନ୍ୟୁନ ୪୦ରୁ ୫୦ ଲୋକ ଯଥା ବୟୋଜ୍ୟେଷ୍ଠ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା, ବରିଷ୍ଠ ନାଗରିକ ବାସସ୍ଥାନର ଅନ୍ତେବାସୀଗଣ, ସାମାଜିକ କର୍ମୀ, ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସରକାରୀ କର୍ମଚାରୀ ବୃନ୍ଦ, ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ । ଆୟୋଜିତ ହୋଇଥିବା ଏହି ୱେବିନାରରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡଃ ପ୍ରଫୁଲ୍ଲ କୁମାର ଜେନା ଯୋଗଦାନ କରିଥିବା ବେଳେ ଡକ୍ଟର ସେବା ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଡକ୍ଟର ଜେନା କହିଲେ ଯେ, ସେ ୯୦ ବର୍ଷରେ ପହଂଚିଥିଲେ ମଧ୍ୟ ଏବେ ବୈଦିକ ଓ ଦୈନିକ କାର୍ଯ୍ୟକ୍ରମରେ ନିଜର ଅଭ୍ୟାସ ଅବ୍ୟାହତ ରଖିଛନ୍ତି । ଏତଦ୍ ବ୍ୟତୀତ ସେ ଗୁରୁତ୍ୱର ସହ କହିଥିଲେ ଯେ, ବରିଷ୍ଠ ନାଗରିକଙ୍କର ଅଭିଜ୍ଞତାକୁ ପାଥେୟ କରି ସାମାଜିକ ସେବା, ଜ୍ଞାନକୌଶଳର ବିକାଶ, ସ୍ୱାସ୍ଥ୍ୟସେବା, ଶିକ୍ଷାପ୍ରଦାନ, ବୃକ୍ଷରୋପଣ ଆଦି କାର୍ଯ୍ୟରେ ନିୟୋଜିତ କରାଯିବା ଉଚିତ୍ । ୬୦ବର୍ଷରେ ଅବସର ଗ୍ରହଣ କଲେ ମଧ୍ୟ ବହୁ ବରିଷ୍ଠ କର୍ମଚାରୀ ଆଗକୁ କାମ କରିବାର ଦକ୍ଷତା ଥିବାଯୋଗୁଁ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରିବା ଉଚିତ୍ । ଠିକ୍ ସେହିପରି ଡକ୍ଟର ମହାପାତ୍ର ଅବଗତ କରାଇଥିଲେ ଯେ, ସମଗ୍ର ବିଶ୍ୱରେ ୨୦୫୦ମସିହା ସୁଦ୍ଧା ବରିଷ୍ଠନାଗରିକଙ୍କ ସଂଖ୍ୟା ୧୫୦କୋଟିରେ ପହଂଚିବ । ଏପରି ଆକଳନରୁ ଜଣାଯାଉଛି ଯେ, ୨୦୫୦ମସିହା ବେଳକୁ ବରିଷ୍ଠନାଗରିକଙ୍କ ସଂଖ୍ୟା ଭାରତବର୍ଷରେ ମୋଟ୍ ଜନସଂଖ୍ୟାର ଶତକଡା ୨୦ପ୍ରତିଶତ ବୃଦ୍ଧି ପାଇବ । ଏହାଛଡା କୋଭିଡ୍ ମହାମାରୀ ସମୟରେ ବରିଷ୍ଠ ନାଗରିକମାନଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟର ଯତ୍ନର ଆବଶ୍ୟକତା ରହିଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ ପ୍ରକାଶ ଯୋଗ୍ୟ ଯେ, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରାଳୟର ଅତିରିକ୍ତ ସଚିବ ଶ୍ରୀମତୀ ଉପମା ଶ୍ରୀବାସ୍ତବ ସମ୍ମାନୀତ ଅତିଥିଭାବେ ଯୋଗ ହେବାର କାର୍ଯ୍ୟକ୍ରମ ଥିଲା ମାତ୍ର କିଛି ଯାନ୍ତ୍ରିକ ତୃଟି ଯୋଗୁଁ ସେ ଆଜିର କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ କିନ୍ତୁ ଆସନ୍ତା କାଲିର କାର୍ଯ୍ୟକ୍ରମରେ ସେ ଯୋଗ ଦେବେ ବୋଲି ନିର୍ଭର ପରତିଶୃତି ଦେଇଛନ୍ତି । ଏହି ୱେବିନାର୍ ଦୀର୍ଘ ଆଠ ଦିନ ଧରି ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଦିବା ୧ଘଟିକା ପର୍ଯ୍ୟନ୍ତ ଗୁଗୁଲ୍ ମିଟ୍ ଜରିଆରେ ବରିଷ୍ଠ ନାଗରିକଙ୍କ ବିଭିନ୍ନ ମୁଦ୍ଦାକୁ ନେଇ ଅଭିଜ୍ଞ ରିସୋର୍ସ ପର୍ସନମାନଙ୍କ ଦ୍ୱାରା ଆଲୋଚନା କରାଯିବ । ଏହି ଆଲୋଚନାରେ ଭାଗ ନେବାକୁ ଋଛୁଁଥିବା ବ୍ୟକ୍ତିମାନେ ନିମ୍ନୋକ୍ତ ଲିଙ୍କରେ ଯୋଗ ଦେବାକୁ ଅନୁରୋଧ । ଲିଙ୍କ୍‌ଟି ହେଉଛି- https://meet.google.com/mfz-zcin-vpg । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ଶ୍ରୀଯୁକ୍ତ ନାଗେଶ୍ୱର ପଟ୍ଟନାୟକ ସଂଚାଳନ କରିଥିଲେ ଓ ଆଶା ପ୍ରକାଶ କରି କହିଥିଲେ ଯେ, ଭାରତ ସରକାର ଆଣୁଥିବା ନୂତନ ନାଗରିକ ନୀତି ନିଶ୍ଚୟ ପ୍ରଗତିଶୀଳ ହେବ । ଏହି ୱେବିନାରରେ ଆଲୋଚିତ ହେବାକୁ ଥିବା ବିଷୟବସ୍ତୁ ଗୁଡିକୁ ଆଗାମୀ ସାତ ଦିନରେ ବରିଷ୍ଠ ଆଇନଜିବୀ ସଂଜିବ୍ ରାଉତ, ସିଦ୍ଧାର୍ଥ ଦାସ, ହେଲପ୍ ଏଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଶ୍ରୀମତୀ ଭାରତୀ ଚକ୍ର, ବିଶିଷ୍ଟ ମନୋତତ୍ୱବିଦ୍ ଡକ୍ଟର ପ୍ରକାଶ ରଥ, ଡକ୍ଟର ଅରବିନ୍ଦ ମହାନ୍ତି, ଡକ୍ଟର ହରିଶ୍ ଚୌଧୁରୀ, ଡକ୍ଟର ଅମୃତ୍ ପଟ୍ଟଯୋଶୀ,ଡକ୍ଟର ବିଶ୍ୱଭୂଷଣ ପ୍ରଧାନ, ଡକ୍ଟର ଅମ୍ଳାନ୍ ମାଇତି, ଡକ୍ଟର ଝରଣା ସ୍ୱାଇଁ, ବରିଷ୍ଠ ରାଜନୀତି ବିଜ୍ଞାନୀ ତଥା ପ୍ରଫେସର୍ ସୂର୍ଯ୍ୟନାରାୟଣ ମିଶ୍ର, ଅବସରପ୍ରାପ୍ତ ଆଇ.ଏ.ଏସ୍ ଅଫିସର୍ ଶ୍ରୀ ଯୁଗଳ କିଶୋର ମହାପାତ୍ର ଓ ଶ୍ରୀ ବିବେକ ପଟ୍ଟନାୟକ , ବରିଷ୍ଠ ସମାଜସେବୀ ଇମ୍ରାନ୍ ଅଲ୍ଲୀ ଓ ଶ୍ରୀମତୀ ଗୀତା ପ୍ରହରାଜ ପ୍ରମୁଖ ରିସୋର୍ସ ପର୍ସନ ଭାବେ ଆଲୋଚନାରେ ଅଂଶଗ୍ରହଣ କରି ଅତି ପ୍ରାଞ୍ଜଳ ଭାବେ ବିଷୟଗୁଡିକୁ ଅଂଶଗ୍ରହଣକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିବେ ବୋଲି ନିର୍ଭର ପ୍ରତିଶୃତି ଦେଇଛନ୍ତି । ଏହି ୱେବିନାରରେ ଅଧିକ ସଂଖ୍ୟାରେ ଭାଗ ନେଇ ୱେବିନାରକୁ ସଫଳ କରିବାକୁ ଆୟୋଜକ ଆଶା ପ୍ରକାଶ କରିଛନ୍ତି । ଶେଷରେ ଏନ୍.ଆର୍.ସି ଡବ୍ଲ୍ୟୁ.ଡିର ସମ୍ପାଦକ ଶ୍ରୀଯୁକ୍ତ ସୁକାନ୍ତ ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଆର୍.ଆର୍.ଟି.ସିର ପ୍ରକଳ୍ପ ସଂଯୋଜିକା ବାସନ୍ତୀ ବେହେରା ୱେବିନାରକୁ ସୁଚାରୁରୂପେ ପରିଚାଳନା କରିଥିଲେ ।

## ବିବାହର ପ୍ରତିଶ୍ରୁତି ଦେଇ ମାସମାସ ଧରି ଯୁବତୀଙ୍କୁ ଦୁଷ୍କର୍ମ

# ୬ମାସର ଗର୍ଭବତୀ ପରେ ସଂପୃକ୍ତ ଯୁବକ ଫେରାର, ଦୈତାରୀ ଥାନାରେ ଏତଲା

ହରିଚନ୍ଦନପୁର, (ପିଏନ) ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ମାସମାସ ଧରି ଯୁବତୀଙ୍କ ସହ ଦୁଷ୍କର୍ମ, ୬ମାସର ଗର୍ଭବତୀ ହେବା ପରେ ସଂପୃକ୍ତ ଯୁବକ ଫେରାର ହୋଇଯାଇଥିବା ନେଇ ଦୈତାରୀ ଥାନାରେ ଲିଖିତ ଅଭିଯୋଗ ହୋଇଛି ।ଖବର ଅନୁଯାୟୀ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଦୈତାରୀ ଥାନା ଅନ୍ତର୍ଗତ ଆଲୁତୁମା ଗ୍ରାମର ଯାତ ଦେହୁରୀଙ୍କ ଝିଅ (ଛଦ୍ମନାମ) ଜମୁନା(୧୮)ଙ୍କ ସହ ଗ୍ରାମର ଙ୍କପିତାମ୍ବର ଦେହୁରୀଙ୍କ ପୁଅ ସୁଶାନ୍ତ ଦେହୁରୀ ପ୍ରେମ ସମ୍ପର୍କ ରଖିଥିଲେ । ପରେ ବିବାହର ପ୍ରତିଶ୍ରୁତି ଓ ବିଭିନ୍ନ ପ୍ରଲୋଭନ ଦେଖାଇ ଯୁବତୀଙ୍କୁ ଦୀର୍ଘ ମାସ ଧରି ଦୁଷ୍କର୍ମ କରିଥିଲେ । ଯୁବତୀ ଜଣଙ୍କ ଗର୍ଭବତୀ ହେବା ପରେ ଯୁବକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ଯୁବକ ଜଣଙ୍କ ଫେରାର୍ ହୋଇଯାଇଥିଲେ । ଯୁବକ ଜଣଙ୍କ ଫେରାର୍ ହୋଇଯିବା ନେଇ ପୀଡ଼ିତା ଜଣଙ୍କ କିଛି ଉପାୟ ନପାଇ ମାଆ ଗୁଣ୍ଠ ଦେହୁରୀଙ୍କୁ ଘଟଣା ସମ୍ପର୍କ ସବୁ କଥା ଜଣାଇଥିଲେ । ଝିଅ ଠାରୁ ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ସମାଧାନ ନିମନ୍ତେ ଗ୍ରାମର ଭଦ୍ର ଲୋକଙ୍କ ଏକ ସଭା ବସିଥିଲା । ହେଲେ ଉକ୍ତ ସଭାରେ ଉଚିତ୍ ନ୍ୟାୟ ମିଳିବା ଭଳି କୌଣସି ସମାଧାନ ବାଟ ବାହାରିନଥିଲା । ଶେଷରେ କିଛି ଉପାୟ ନପାଇ ନ୍ୟାୟ ଆଶାରେ ପରିବାର ସହ ପୀଡ଼ିତା ଦୈତାରୀ ଥାନା ଦ୍ୱାରସ୍ଥ ହୋଇ ଏକ ଲିଖିତ ଅଭିଯୋଗ କରିଥିଲେ । ଏଥିସହ ଯୁବକଙ୍କ ପରିବାର ସବୁ ସମ୍ପର୍କରେ ଜାଣିବା ପରେ ତାଙ୍କୁ ଲୁଚାଇ ରଖିଥିବା ପୀଡ଼ିତା କହିଛନ୍ତି । ଅଭିଯୋଗକୁ ଭିତି କରି ପୋଲିସ ଏକ ମାମଲା ରୁଜୁ କରି ପୀଡ଼ିତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଡ଼ାକ୍ତରୀମାଇନା କରିବା ପରେ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ହେଲେ ଗତ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଥିଲା ବେଳେ ଆଜି ପର୍ଯ୍ୟନ୍ତ ପୋଲିସ ସଂପୃକ୍ତ ଯୁବକଙ୍କ ପତା ପାଇନଥିବା କାରଣରୁ ନ୍ୟାୟ ଆଶାରେ ଚାହିଁ ରହିଥିବା ପୀଡ଼ିତା ମଧ୍ୟରେ ଧିରେ ଧିରେ ଆଶା ତୁଟିବାକୁ ବସିଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ପୀଡ଼ିତାଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ କରାଇବାକୁ ଗ୍ରାମବାସୀ ଓ ପୀଡ଼ିତା ଦାବି କରିଛନ୍ତି ।

# ଆଦର୍ଶ ଚାଷୀ ଏକାକୀ ମହିଳା ମିତା ପ୍ରଧାନ ଆତ୍ମନିର୍ଭରଶୀଳ ହୋଇଛନ୍ତି ଆକ୍ସନଏଡ ସହାୟତାରେ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଦାରିଙ୍ଗବାଡି ଅଂଚଳରେ ଥିବା ସୁନ୍ଦରଗଡ ଗାଁରେ ଆତ୍ମନିର୍ଭରଶୀଳ ହୋଇଛନ୍ତି ସେହି ଗାଁର ଏକାକୀ ମହିଳା ମିତା ପ୍ରଧାନ । ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆକ୍ସନଏଡ୍ ସହାୟତାରେ ସେ ନିର୍ଭରଶୀଳ ହୋଇ ହୋଇପାରିଛନ୍ତି ଜଣେ ସଫଳ ଚାଷି ଅନୁଷ୍ଠାନ ତରଫରୁ ତାଙ୍କୁ ପ୍ରଦାନ କରାଯାଇଥିଲା ୫ ହଜାର ଟଙ୍କା ସେଥିରୁ ସେ ତାଙ୍କ ଜମିରେ ଆରମ୍ଭ କରିଛନ୍ତି ବନ୍ଧାକୋବି ଓ ବାଦାମ ଚାଷ ସେଥିରେ ସେ ବର୍ତମାନ ଅଂଚଳର ଜଣେ ସଫଳ ଚାଷି ସାଜିଛନ୍ତି । ୨୦୧୮ ମସିହାରେ କୌଣସି କାରଣ ବସତଃ ଅସୁସ୍ଥ ହେବାପରେ ସ୍ୱାମୀ ମିଳନ ପ୍ରଧାନଙ୍କ ଦେହାନ୍ତ ହେବାପରେ ୨ ବର୍ଷ ଏବଂ ୫ ବର୍ଷର ଦୁଇଟି କନ୍ୟା ସନ୍ତାନକୁ ନେଇ କିପରି ଚଳିବେ ତାହା ତାଙ୍କ ପାଇଁ ହୋଇଥିଲା ଏକ ବଡ ଆହ୍ୱାନ କିପରି ପରିବାର ପୋଷଣ କରିବେ ଏବଂ ତାଙ୍କର ଝିଅମାନଙ୍କୁ କିପରି ବଡ କରିବେ ତାହା ସାଜିଥିଲା ବଡ ଚିନ୍ତା । ବର୍ତମାନ ତାଙ୍କ ପାଖରେ ଥିବା ପ୍ରାୟ ୩ ଏକରରୁ ଅଧିକ ଚାଷ ଜମିରେ କରିଛନ୍ତି ସେ ବନ୍ଧାକୋବି,ବାଦାମ ଓ ବିଭିନ୍ନ ପନିପରିବା ଚାଷ ଏବଂ ସେଥିରେ ତାଙ୍କର ପରିବାରର ଅର୍ଥିକ ଉନ୍ନତି ହେବାସହିତ ସେ ମଧ୍ୟ ଜଣେ ଏକାକି ଆତ୍ମନିର୍ଭରଶୀଳ ମହିଳା ହୋଇ ତାଙ୍କପରି ଏକାକୀ ମହିଳା ମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି ।

## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି । ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ । ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି । ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି । ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି । ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି । ପାର୍ଟିର ଜିଲ୍ଲା କମିଟି ସମ୍ପାଦକ ଦିବ୍ୟସିଂହ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ସଭାରେ ସେକ୍ କାସିମ, ସେକ୍ ମନଓ୍ୱର, ସେକ୍ ସିକ୍‌ରୁ, ଗେଜ ମୁଣ୍ଡା, ମ୍ଭ ମୁଣ୍ଡା, ସେକ୍ ହାଦିକ, ସନାତନ ଦାସ, ସନ୍ତୋଷ ରାଉତ, ସେକ୍ କମର, ସେକ୍ ଅବଦୁଲ ରହେମାନ, ଜଗନ୍ନାଥ ରାଓ, ରାଜୁ ରାଓ, ମେହେମୁଦ୍ ପ୍ରମୁଖ ବିକ୍ଷୋଭ ସଭାରେ ସାମିଲ ହୋଇଥିଲେ ।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି । ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି । ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି । ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି । ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା । ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଲଦା,ଫୁଲଝରେ,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ । ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା । ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ । ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା । ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି । ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି । ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି । ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି । କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ । ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି । ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି ।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଅଗ୍ନିବେଶଙ୍କ ରାଜ୍ୟସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା

ଭୁବନେଶ୍ୱର, (ପିଏନ)- ବିଶିଷ୍ଟ ସାମାଜିକ କାର୍ଯ୍ୟକର୍ତ୍ତା, ଆର୍ଯ୍ୟସମାଜ ଆନ୍ଦୋଳନର ମୁଖ୍ୟ ପୃଷ୍ଠପୋଷକ, ସଂସ୍କାରବାଦୀ ସନ୍ନ୍ୟାସୀ ସ୍ୱାମୀ ଅଗ୍ନିବେଶଙ୍କ ଉଦ୍ଦେଶ୍ୟରେ ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଜୁମ୍ ଭିଡ଼ିଓ ଯୋଗେ ସଭାପତି ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ପ୍ରାରମ୍ଭରେ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ବେଦମନ୍ତ୍ର ପାଠ କରିବା ପରେ ଶ୍ରଦ୍ଧାଞ୍ଜଳି ଜଣାଇ ଦିବ୍ୟଜୀବନ ସଂଘର ସନ୍ନ୍ୟାସୀ ସ୍ୱାମୀ ଜଗନ୍ନାଥାନନ୍ଦ ମହାରାଜ କହିଲେ ଯେ, ମହର୍ଷି ଦୟାନନ୍ଦଙ୍କର ସଚ୍ଚା ଶିଷ୍ୟ ଥିଲେ ସ୍ୱାମୀ ଅଗ୍ନିବେଶ, ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ । ସେ ପ୍ରକୃତରେ ଥିଲେ ସାମାଜିକ କ୍ରାନ୍ତିର ଜଣେ ବାର୍ତାବହ ।

ବିଶିଷ୍ଟ ଶିକ୍ଷାବିତ୍ ଡଃ ପ୍ରଫେସର ହରେକୃଷ୍ଣ ଶତପଥି କହିଲେ ଯେ, ସ୍ୱାମିଜୀ ଅଗ୍ନିବେଶ ନାମକୁ ସାର୍ଥକ କରିଥିଲେ । ତାଙ୍କର ବକ୍ତବ୍ୟରେ ଅଗ୍ନିସ୍ଫୁଲିଙ୍ଗ ସୃଷ୍ଟି କରୁଥିଲା । ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସେ ଥିଲେ ଗୋତିଶ୍ରମିକମାନଙ୍କର ତ୍ରାଣକର୍ତା । ସମାଜବାଦୀ ପାର୍ଟିର ସଭାପତି ରବି ବେହେରା କହିଲେ ଯେ, ଆମେ ଗର୍ବିତ ଯେ, ସେ ଓଡ଼ିଶାରେ ଜନ୍ମ ହୋଇଥିଲେ ।

ବରିଷ୍ଠ କଂଗ୍ରେସ ନେତା ଅଧାପକ କୈଳାସ ଆଚାର୍ଯ୍ୟ କହିଲେ ଯେ, ସ୍ୱାମିଜୀ ମରିନାହାଁନ୍ତି, ସ୍ୱାମିଜୀଙ୍କୁ ଗୋଟିଏ ନିର୍ଦ୍ଦିଷ୍ଟ ଦଳର ଗୁଣ୍ଡାମାନେ ମାରିଦେଲେ । ଘାତକମାନେ ସରକାରୀ ପୃଷ୍ଠପୋଷକତାରେ ଏବେବି ବୁଲୁଛନ୍ତି । ଡ଼ି.ଏ.ଭି.ର ବରିଷ୍ଠ କାର୍ଯ୍ୟକର୍ତା ଡଃ ହିମାଂଶୁ ମହାନ୍ତି କହିଲେ ଯେ, ଓଡ଼ିଶାର ପ୍ରତ୍ୟେକଟି ସମସ୍ୟା ସହିତ ନିଜକୁ ସାମିଲ୍ କରିଥିଲେ । ସେ ପୋସ୍କୋ ହେଉ ବା ମହାନଦୀ ବଂଚାଓ ହେଉ । ମା'ଘରର ପ୍ରତିଷ୍ଠାତ୍ରୀ ସଭାନେତ୍ରୀ ଋତୁପର୍ଣ୍ଣା ମହାନ୍ତି ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ସମାଜର ପଛୁଆବର୍ଗ, ବିଶେଷ ଭାବେ ଶୋଷିତଶ୍ରେଣୀ, ମହିଳାମାନଙ୍କୁ ସମାଜର ଆଗଧାଡ଼ିକୁ ଆଣିବାକୁ ତାଙ୍କର ସଂଗ୍ରାମ ଥିଲା ସାଲିସ ବିହୀନ ।ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି, ମହାବୋଧି ସମିତିର ଟ୍ରଷ୍ଟି ଡଃ ସୌରେନ୍ଦ୍ର ମହାପାତ୍ର, ମହର୍ଷି ଦୟାନନ୍ଦ ମିଶନ ଅଧକ୍ଷ ଡଃ ବିକାଶ ପଣ୍ଡା, ଇଂ ଗୋପିନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । କାର୍ଯ୍ୟକ୍ରମକୁ ଡଃ ବଦ୍ରୀନାଥ ପଟ୍ଟନାୟକ ପରିଚାଳନା କରିଥିଲେ । ଶେଷରେ ଯୁବ ଆର୍ଯ୍ୟସମାଜ, ଓଡ଼ିଶାର ଅଧକ୍ଷ ପ୍ରବୀର ଆର୍ଯ୍ୟ ଧନ୍ୟବାଦ ଦେଇଥିଲେ ।

## ରେଳବାଇ ଇଞ୍ଜିନିୟରିଂ କର୍ମଚାରୀ ପୁରସ୍କୃତ

ସମ୍ବଲପୁର,(ପିଏନ)- ସମ୍ବଲପୁର ରେଳ ମଣ୍ଡଳର ଇଞ୍ଜିନିୟରିଂ ବିଭାଗର ସମ୍ବଲପୁର ଠାରେ କାର୍ଯ୍ୟରତ ଟେକ୍‌ନିସିଆନ ଜୟ ପ୍ରକାଶ ଭକ୍ତଙ୍କ କାର୍ଯ୍ୟଦକ୍ଷତା ଓ କାର୍ଯ୍ୟ ପ୍ରତି ଉଲ୍ଲେଖନୀୟ ଯୋଗଦାନ ପାଇଁ ସୁରସ୍କୃତ କରାଯାଇଅଛି ।

ତାଙ୍କର କର୍ତବ୍ୟ ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର ପ୍ରମାର ପତ୍ର ସହ ନଗଦ ରାଶି ଦେଇ ସମ୍ମାନିତ କରିଥିଲେ । ଏହି ଅବସରରେ ବରିଷ୍ଠ ମଣ୍ଡଳ ଇଞ୍ଜିନିୟର (ସମନ୍ୱୟ) ଜୟନ୍ତ କୁମାର ଖମାରୀ, ମଣ୍ଡଳ ଇଞ୍ଜିନିୟର (ମଧ୍ୟ) ସରୋଜ କାନ୍ତ ଦାସ ଉପସ୍ଥିତ ଥିଲେ ।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ । ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି । ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ । କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି । କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଲିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

Bhubaneswar Sunday September 21 2024 ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୨୨,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## କଂଗ୍ରେସରେ ଅପରେସନ ଲୋଟସ !: ଶୈଳଜାଙ୍କୁ ବିଜେପିରେ ଯୋଗଦେବାକୁ କହିଲେ ଖଟ୍ଟର

ଚଣ୍ଡିଗଡ, (ପି.ଏନ): ହରିୟାଣାରେ କଂଗ୍ରେସର କୁମାରୀ ଶୈଳଜାଙ୍କୁ ନେଇ ରାଜନୈତିକ ସ୍ଥିତି ସରଗରମ ହେବାରେ ଲାଗିଛି। କଂଗ୍ରେସରେ ଅପରେସନ ଲୋଟସ ପ୍ରୟାସ ହେଉଥିବା ଅଭିଯୋଗ ମଧ୍ୟ ହୋଇଛି। ବିଜେପି ଶୈଳଜାଙ୍କୁ ଦଳରେ ଯୋଗଦେବାକୁ ପ୍ରସ୍ତାବ ଦେଇଛି। ଏହା ସହିତ କଂଗ୍ରେସରେ ଫାଟ ବଢ଼ିବାରେ ଲାଗିଥିବା ଚର୍ଚ୍ଚା ହେଉଛି। ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ ଖଟ୍ଟର କହିଛନ୍ତି, ଭଉଣୀ କୁମାରୀ ଶୈଳଜା କଂଗ୍ରେସରେ ଅପମାନିତ ହୋଇଛନ୍ତି। ଆମ ସହ ଅନେକ ନେତାଙ୍କୁ ସାମିଲ କରିଛୁ ଏବଂ ଆମେ ତାଙ୍କୁ ସାଙ୍ଗରେ ନେବାକୁ ପ୍ରସ୍ତୁତ ଅଛୁ। ଖଟ୍ଟର କଂଗ୍ରେସକୁ କଡା ସମାଲୋଚନା କରି କହିଛନ୍ତି ଯେ ଦଳିତ ନେତା କୁମାରୀ ଶୈଳଜାଙ୍କୁ ଅପମାନିତ କରାଯାଇଛି। ତାଙ୍କୁ ଦୁର୍ବ୍ୟବହାର କରାଯାଇଥିଲା ଏବଂ ବର୍ତ୍ତମାନ ସେ ଘରେ ବସିଛନ୍ତି। କଂଗ୍ରେସର ବରିଷ୍ଠ ନେତା ଭୁପିନ୍ଦର ସିଂ ହୁଡା ଏବଂ ଗାନ୍ଧୀ ପରିବାରକୁ ଦୋଷାରୋପ କରି ଖଟ୍ଟର କହିଛନ୍ତି, ଏହି ଅପମାନ ସତ୍ତ୍ୱେ ସେମାନେ ଲଜ୍ଜିତ ଅନୁଭବ କରୁ ନାହାନ୍ତି। ଖଟ୍ଟରଙ୍କ ମନ୍ତବ୍ୟ ହରିୟାଣାର ନିର୍ବାଚନ ରାଜନୀତିରେ ଏକ ଆଲୋଡ଼ନ ସୃଷ୍ଟି କରିଛି। ବିଶେଷ କରି ଯେତେବେଳେ କୁମାରୀ ଶୈଳଜା ଗତ ସପ୍ତାହରୁ କଂଗ୍ରେସର ନିର୍ବାଚନ ଅଭିଯାନରୁ ଦୂରେଇ ରହିଛନ୍ତି। ଯଦିଓ ସେ ତାଙ୍କ ଘରେ ସମର୍ଥକଙ୍କୁ ଭେଟୁଛନ୍ତି, ତଥାପି ତାଙ୍କୁ ଏହି ଅଞ୍ଚଳରେ ସକ୍ରିୟ ଦେଖାଯାଉ ନାହିଁ। ଦଳିତ ଭୋଟ୍ ବ୍ୟାଙ୍କ ରାଜନୀତି କରୁଥିବା ଦଳ ମଧ୍ୟ ଶୈଳଜାଙ୍କୁ ନିଜ ଆଡକୁ ଆଣିବାକୁ ଚେଷ୍ଟା କରୁଛନ୍ତି।ସେପ୍ଟେମ୍ବର ୧୩ରେ, ଶୈଳଜା ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିଥିଲେ। କିନ୍ତୁ ସେବେଠାରୁ ସେ ହରିୟାଣାରେ ନିର୍ବାଚନ ଅଭିଯାନରେ ଭାଗ ନେଇ ନାହାନ୍ତି କିମ୍ବା ସୋସିଆଲ ମିଡିଆରେ ସକ୍ରିୟ ନାହାନ୍ତି। ଏହି ସମୟରେ ବିଜେପି କଂଗ୍ରେସକୁ ଟାର୍ଗେଟ କରି କହିଛି ଯେ ଯେତେବେଳେ କଂଗ୍ରେସ ନିଜର ଦଳିତ ନେତା କୁମାରୀ ଶୈଳଜାଙ୍କୁ ସମ୍ମାନ ଦେଇ ପାରି ନାହିଁ, ତା'ହେଲେ ରାଜ୍ୟର ବାକି ଦଳିତଙ୍କର କ'ଣ କରିବ ଶୈଳଜାଙ୍କ ଅସନ୍ତୋଷ ହରିୟାଣାର ନିର୍ବାଚନ ରାଜନୀତିରେ ଆଲୋଡ଼ନ ସୃଷ୍ଟି କରିଛି। ନିକଟରେ ବିଏସପି ଜାତୀୟ ସଂଯୋଜକ ଆକାଶ ଆନନ୍ଦ ମଧ୍ୟ ଶୈଳଜାଙ୍କ ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କରିଥିଲେ। ଯେଉଁ କାରଣରୁ ଏହି ପ୍ରସଙ୍ଗ ଆହୁରି ସରଗରମ ହୋଇପଡିଛି।ବରିଷ୍ଠ ହରିୟାଣା ବିଜେପି ନେତା କୁଳଦୀପ ବିଶ୍ନୋଇ ମଧ୍ୟ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ସେ କହିଛନ୍ତି ଯେ କୁମାରୀ ଶୈଳଜାଙ୍କ ସହ କଂଗ୍ରେସ ଠିକ୍ କାର୍ଯ୍ୟ କରୁନାହିଁ। ଯେତେବେଳେ କି ତାଙ୍କ ବଡ଼ ଭାଇ ଚନ୍ଦ୍ରମୋହନ ଶୈଳଜାଙ୍କୁ ସିଏମ୍ ଚେହେରା ବୋଲି ଘୋଷଣା କରିଛନ୍ତି। ଚନ୍ଦ୍ରମୋହନ ହେଉଛନ୍ତି ଶୈ?ଳଜାଙ୍କ ଗୋଷ୍ଠୀର ନେତା। ସମ୍ପ୍ରତି ହରିୟାଣାର ହୁଡା କ୍ୟାମ୍ପ ଉପରେ ଶୈଳଜା କ୍ରୋଧିତ ଥିବା କୁହାଯାଉଛି। ୧୮ ସେପ୍ଟେମ୍ବରରେ କଂଗ୍ରେସ ମାନିଫେଷ୍ଟୋ ଆରମ୍ଭ କରିବା ସମୟରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଅନ୍ୟପକ୍ଷରେ ପିତା-ପୁତ୍ର ଯୋଡି ହରିୟାଣାରେ କଂଗ୍ରେସ ନିର୍ବାଚନ ପ୍ରଚାର ଦାୟିତ୍ୱ ଗ୍ରହଣ କରିଛନ୍ତି। କଂଗ୍ରେସ ହରିୟାଣାର ଭୁପେନ୍ଦ୍ର ହୁଡା ଏବଂ ତାଙ୍କ ସାଂସଦ ପୁତ୍ର ଦୀପେନ୍ଦ୍ର ହୁଡାଙ୍କ ଉପରେ ନିର୍ଭରଶୀଳ। କୁମାରୀ ଶୈଳଜାଙ୍କୁ ପ୍ରୋତ୍ସାହିତ ନ କରିବା ଏବଂ ଚୁପଚାପ୍ ବସାଇବା କଂଗ୍ରେସ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ଶୈଳଜା ଦଳିତ ବର୍ଗରୁ ଆସିଛନ୍ତି ଏବଂ ସେ ହରିୟାଣାରେ କଂଗ୍ରେସର ଏକ ବଡ ଚେହେରା। ହରିୟାଣା ବିଧାନସଭାରେ ଏସସିଙ୍କ ପାଇଁ ୧୭ଟି ସିଟ୍ ସଂରକ୍ଷିତ। ରାଜ୍ୟର ୨୧ଟି ଆସନ ଉପରେ ଶୈଳଜାଙ୍କ ପ୍ରତ୍ୟକ୍ଷ ପ୍ରଭାବ ରହିଛି।କୁମାରୀ ଶିଳାଜାଙ୍କ ଅସନ୍ତୋଷର ମୁଖ୍ୟ କାରଣ ହେଉଛି ହୁଡା କ୍ୟାମ୍ପ ସହିତ ଟେନସନ। ହରିୟାଣା କଂଗ୍ରେସରେ ଦୁଇଟି ଦଳ ଅଛନ୍ତି। ପ୍ରଥମ ଗୋଷ୍ଠୀ ହେଉଛି ହୁଡା ପିତା ଏବଂ ପୁଅ। ଅନ୍ୟ ଗୋଷ୍ଠୀ ହେଉଛି କୁମାରୀ ଶୈ?ଳଜା, ରଣଦୀପ ସୁରଜେୱାଲା ଏବଂ କିରଣ ଚୌଧୁରୀଙ୍କର। କିରଣ ଚୌଧୁରୀ କଂଗ୍ରେସ ଉପରେ ଅସନ୍ତୋଷ ପ୍ରକାଶ କରି ବିଜେପିରେ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଚୌଧୁରୀ ବିରେନ୍ଦ୍ର ସିଂ ମଧ୍ୟ ଶୈଳଜାଙ୍କ ଗୋଷ୍ଠୀରେ ଅଛନ୍ତି। ଏଭଳି ପରିସ୍ଥିତିରେ ଯଦି ଗୋଷ୍ଠୀ କନ୍ଦଳ ସମାପ୍ତ ନ ହୁଏ ତେବେ ନିର୍ବାଚନରେ କଂଗ୍ରେସ ଏକ ବଡ଼ କ୍ଷତି ସହିପାରେ ବୋଲି ଆଶଙ୍କା କରାଯାଉଛି।କୁମାରୀ ଶୈଳଜାଙ୍କ ଟିକେଟ ମଧ୍ୟ ବଣ୍ଟନ କରାଯାଇ ନାହିଁ। ହରିୟାଣା ନିର୍ବାଚନରେ କଂଗ୍ରେସ ହାଇକମାଣ୍ଡରୁ ୩୫ଟି ସିଟ୍ ଦାବି କରିଥିଲେ, କିନ୍ତୁ ହାଇ କମାଣ୍ଡ ହୁଡା ସମର୍ଥକଙ୍କୁ ଗୁରୁତ୍ୱ ଦେଇଥିଲେ। ଯେଉଁଠାରେ ଶୈଳଜାଙ୍କ କ୍ୟାମ୍ପକୁ ମାତ୍ର ୪ଟି ସିଟ୍ ମିଳିଥିଲା। ଏପରିକି ଶୈଳଜା ତାଙ୍କ ଘନିଷ୍ଠ ସହଯୋଗୀ ଅଜୟ ଚୌଧୁରୀଙ୍କୁ ନାରନୌନ୍ଦ ସିଟରୁ ଟିକେଟ ପାଇପାରି ନ ଥିଲେ।ନାରନୌନ୍ଦ ଆସନରୁ କଂଗ୍ରେସ ପ୍ରାର୍ଥୀ ଜାସି ପେଟୱାଡଙ୍କ ନାମାଙ୍କନ କାର୍ଯ୍ୟକ୍ରମରେ ଜଣେ ସମର୍ଥକ କୁମାରୀ ଶୈଳଜାଙ୍କ ଉପରେ ଜାତିଗତ ମନ୍ତବ୍ୟ ଦେଇଥିଲେ। ଏହାକୁ ନେଇ ଅନେକ ସ୍ଥାନରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏହା ପରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡଗେଙ୍କୁ ଏନେଇ ଏକ ସ୍ପଷ୍ଟୀକରଣ ଦେବାକୁ ପଡିଥିଲା। ଏଭଳି ପରିସ୍ଥିତିରେ ଯଦି ଦଳିତ ଭୋଟରମାନେ ଏହି ମନ୍ତବ୍ୟ ଉପରେ କ୍ରୋଧିତ ହୁଅନ୍ତି, ତେବେ ସଂରକ୍ଷିତ ଆସନରେ କଂଗ୍ରେସ ପରାଜିତ ହୋଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

## ପ୍ରଥମ ଦିନରେ ରତ୍ନଭଣ୍ଡାରରେ ୩ ଘଣ୍ଟା ୫୦ ମିନିଟ ସର୍ଭେ

ପୁରୀ,୨୧।୯(ପି.ଏନ): ସରିଲା ଶ୍ରୀମନ୍ଦିର ରତ୍ନଭଣ୍ଡାର ପ୍ରଥମ ଦିନର ଯାଞ୍ଚ । ୩ ଘଣ୍ଟା ୫୦ ମିନିଟ ସର୍ଭେ ପରେ ସମ୍ପୂର୍ଣ୍ଣ ଡାଟା କରାଯାଇଛି କଏଦ । ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ବୈଷୟିକ ଟିମ ସର୍ଭେ କରିଥିବାବେଳେ ୩ ଦିନ ପର୍ଯ୍ୟନ୍ତ ସର୍ଭେ କରିବେ ବୋଲି ସୂଚନା ଦେଇଛନ୍ତି ।ଆଜି ପ୍ରଥମ ଦିନରେ ସର୍ଭେ ପୂର୍ଣ୍ଣାଙ୍ଗ ହୋଇ ନଥିବା ସୂଚନା ଦେଇଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ । ପ୍ରାୟ ୧୦ ମିଟର ପର୍ଯ୍ୟନ୍ତ ଏହି ସର୍ଭେ ସ୍ୱତନ୍ତ୍ର ମେସିନ ଦ୍ୱାରା କରାଯାଉଥିବା ବେଳେ ୩ ଦିନ ସର୍ଭେ ପରେ ସଂଗୃହିତ ଡାଟାକୁ ତର୍ଜମା କରାଯାଇ ରିପୋର୍ଟ ପ୍ରସ୍ତୁତ କରାଯିବ । ଭଣ୍ଡାର ଘର ଯାଞ୍ଚ ନେଇ ଦିନ ୨ ଟାରୁ ୬ ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନକୁ ବନ୍ଦ ରଖାଯାଇଥିଲା । ଏଥିପାଇଁ ଶ୍ରଦ୍ଧାଳୁ ଓ ସେବାୟତଙ୍କ ସହଯୋଗ ଲୋଡ଼ିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।ସିଏସଆଇଆର ଓ ଏନଜିଆଇଆରର ଅଧିକାରୀଙ୍କ ସହ ୨୬ ଜଣିଆ ଟିମ ଭିତର ଭଣ୍ଡାର ଘରେ ସର୍ଭେ କରୁଛନ୍ତି । ନିରୀକ୍ଷଣ ପୂର୍ବରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଅନୁଷ୍ଠିତ ହୋଇଥିଲା ବୈଠକ । ବୈଠକରେ ରତ୍ନ ଭଣ୍ଡାର ତଦାରଖ କମିଟିର ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ଶ୍ରୀ ଶ୍ରୀ ରାଧାବଲ୍ଲଭଦେବ ମନ୍ଦିରରେ ଭାଗବତ ସପ୍ତାହ ପାଳିତ

ଖୋର୍ଦ୍ଧା,(ପି.ଏନ):ଓଡିଆ ଭାଗବତ ପ୍ରତ୍ୟେକ ଓଡିଆ ମାନଙ୍କର ଜୀବନ ବେଦ। ଶ୍ରୀ ମନ୍ଦିରରେ ଏହାର ରଚନାରୁ ଭାଗବତ ର ଜନ୍ମ, ଯାହା ଏବେ ଘରେ ଘରେ ପାଳିତ ହୋଇ ଆସୁଛି। ଆଧ୍ୟାତ୍ମିକ ଚିନ୍ତା ଚେତନାର ଉନ୍ମେଷ ଓ ମୂଲ୍ୟବୋଧର ବିକାଶରେ ଭାଗବତ ଏକ ମାଇଲଖୁଂଟ ସ୍ଥାପନ କରିଛି। 'ଭାଗବତ' ଏପରି ଏକ ଧର୍ମଗ୍ରନ୍ଥ ଯାହାକୁ କୋଟି, କୋଟି ମଣିଷ ଈଶ୍ୱର ଭାବେ ଆରାଧନା କରିଥାନ୍ତି। ସେହି ଭଗବାନଙ୍କ ମୁଖ ନିଶ୍ରୁତ କଥା ଭାଗବତ କାଳ କାଳ କୁ ତାର ପ୍ରଭାବେ ମହିମା ମଣ୍ଡିତ କରୁଛି ଓ ଭକ୍ତଜନଙ୍କୁ ଅଭିମନ୍ତ୍ରିତ କରୁଛି ବୋଲି ପ୍ରବକ୍ତା ଶିରୋମଣି ତ୍ରିଦଣ୍ଡି ସ୍ୱାମୀ ଭକ୍ତିପ୍ରଚାର ମହାରାଜ ମୁମ୍ବାଇ ଆଜି ରାଧାବଲ୍ଲଭ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଭାଗବତ ସପ୍ତାହ ପାଳନର ପୂର୍ଣ୍ଣାହୁତି ଦିବସରେ କହିଥିଲେ। ତା ୧୨।୦୯।୨୪ ରୁ ଆରମ୍ଭ ହୋଇଥିବା ଏହି ବ୍ୟାସଙ୍କ ରଚିତ ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତ ୧୮ ହଜାର ଶ୍ଳୋକ ସନ୍ନିବିଷ୍ଟ ସର୍ବ ପୁରାଣସାର ଓ ଏକ ପାଣ୍ଡିତ୍ୟପୂର୍ଣ୍ଣ ଗ୍ରନ୍ଥ। ତେଣୁ କୁହାଯାଏ ବିଦ୍ୱାନ ମାନଙ୍କୁ ଭାଗବତରେ ହିଁ ପରୀକ୍ଷା କରାଯାଏ।- "ବିଦ୍ୟାବତାଂ ଭାଗବତେ ପରୀକ୍ଷା"। ପ୍ରତ୍ୟହ ୭ଘଟିକାରୁ ଏହି ପ୍ରବଚନ କର୍ଯ୍ୟକ୍ରମ ଆରମ୍ଭ ହୋଇ ରାତ୍ର ୯ ଘଟିକାରେ ସମାପ୍ତ ହେବା ପରେ ସମବେତ ଶ୍ରବଣାର୍ଥୀ ଭକ୍ତ ମାନଙ୍କୁ ଭାଗବତ ପ୍ରଚାର ସମିତି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ। ଆଜିର ଅନ୍ତିମ ଦିବସରେ ୪ ଘଟିକା ରୁ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇ ୫.୩୦ ମିନିଟରେ ସମାପନ ହୋଇଥିଲା। ପରେ ପ୍ରବଚନ କାର୍ଯ୍ୟକ୍ରମ ସଂଧ୍ୟା ୬.୩୦ ଆରମ୍ଭ ହୋଇ ୮.୩୦ ମିନିଟରେ ସମାପନ ହେବାପରେ ସଭାକର୍ଯ୍ୟ ଆରମ୍ଭ ହୋଇଥିଲା। ଭାଗବତ କମିଟିର ସମ୍ପାଦକ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ସମ୍ପାଦକୀୟ ପାଠ କରିଥିଲେ। ଏହି ଭାଗବତ କାର୍ଯ୍ୟକ୍ରମର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରହଲ୍ଲାଦ ପ୍ରଧାନ (ବାଇଧର ପ୍ରଧାନ) ଙ୍କୁ ମରୋଣତ୍ତର ସମ୍ମାନ ପ୍ରଦାନ କରାଯାଇ ଥିଲା। ଏହି ମାନପତ୍ର ଓ ଉପଢୌକନ କୁ ତାଙ୍କର ପୁତ୍ର ଗୌରଚରଣ ପ୍ରଧାନ ଗ୍ରହଣ କରିଥିଲେ। ଏହା ଛଡା ଗଣେଶ ମହାପାତ୍ର, ଗଣେଶ ମହାରଣା, ରବି ନାରାୟଣ ମହାପାତ୍ର ପ୍ରତ୍ୟହ ପ୍ରାତଃକାଳରେ ଭାଗବତ ପାଠ କରୁଥିଲେ। ସାଧୁଚରଣ ଦାସ ମହାରାଜ ବ୍ୟାସ ଭାବରେ ବସିଥିଲେ। ଅବନୀକାନ୍ତ ଦାସ ପୁରୋହିତ ଭାବରେ ପୁଜାକାର୍ଯ୍ୟ କରିଥିଲେ। ଶେଷରେ ଉପସଭାପତି ରବିନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକର୍ମକୁ ସର୍ବ ଶ୍ରୀ ଗୌର ଚରଣ ପ୍ରଧାନ, ଅମୂଲ୍ୟ କୃଷ୍ଣ ମହାନ୍ତି, ଗୋବିନ୍ଦ ସାହା, ସୂର୍ଯ୍ୟ ପାତ୍ର,କାଶୀନାଥ ରାୟ ପ୍ରମୁଖ ପରିଚାଳନା କରିଥିଲେ।

## ସର୍ବୋଚ୍ଚ ଜଳସ୍ତର ଛୁଇଁଲା ହୀରାକୁଦ ଡ୍ୟାମ୍; ସେକେଣ୍ଡକୁ ପ୍ରବେଶ କରୁଛି ୫୬, ୩୯୨ ଘନ ଫୁଟ୍ ଜଳ

ସମ୍ବଲପୁର,୨୧।୯(ପି.ଏନ):ସକାଳ ୯ଟାରେ ହୀରାକୁଦ ଡ୍ୟାମ୍ ଛୁଇଁଲା ସର୍ବୋଚ୍ଚ କ୍ଷମତା । ହୀରାକୁଦ ଡ୍ୟାମ୍‌ର ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍, ବର୍ତ୍ତମାନ ଅଛି ୬୩୦ ଫୁଟ୍ ଜଳ। ଜଳଭଣ୍ଡାରକୁ ସେକେଣ୍ଡକୁ ପ୍ରବେଶ କରୁଛି ୫୬, ୩୯୨ ଘନ ଫୁଟ୍ ଜଳ । ଉପର ମୁଣ୍ଡରେ ଅଧିକ ବର୍ଷା ହେବାରୁ ଡ୍ୟାମ୍ ଫୁଲ୍ ହୋଇଥିବା ନେଇ ସୂଚନା । ଉପର ମୁଣ୍ଡରେ ଜଳ ପ୍ରବେଶ ପରିମାଣ କମୁଥିବାରୁ ଓ ବର୍ଷାର ସମ୍ଭାବନା ନ ଥିବାରୁ ଚିନ୍ତାଜନକ ସ୍ଥିତି ଏବେ ଯାଏଁ ଉପୁଜିନି । ଯଦି ଜଳ ପ୍ରବେଶ ପରିମାଣ ବଢ଼େ ତାହେଲେ ପୁଣି ଗେଟ୍ ଖୋଲାଯାଇପାରେ ବୋଲି ମୁଖ୍ୟ ଯନ୍ତ୍ରୀ ଆନନ୍ଦ ଚନ୍ଦ୍ର ସାହୁ କହିଛନ୍ତି ।ଡ୍ୟାମର ଉପରମୁଣ୍ଡ ଛତିଶଗଡରେ ବର୍ଷା ପରିମାଣ କମିଛି । ତେଣୁ ସବୁ ଗେଟ୍ ବନ୍ଦ କରାଯାଇଛି ।

## ଇ.ଏସ୍.ଆଇ ହିତାଧିକାରୀ ପ୍ରତିନିଧିଙ୍କ ସହ କେନ୍ଦ୍ର ଶ୍ରମ ସଚିବଙ୍କ ଆଲୋଚନା

ଭୁବନେଶ୍ୱର, (ପି.ଏନ) : ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଶ୍ରମ ସଚିବ ଶ୍ରୀମତୀ ସୁମିତା ଦୱାରଙ୍କ ସହ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସାଙ୍ଗଠନିକ ସମ୍ପାଦକ, ରାଜ୍ୟ ଉପସଭାପତି ତଥା କର୍ମଚାରୀ ରାଜ୍ୟସ୍ୱାସ୍ଥ୍ୟ ବୀମା ଯୋଜନା ପରିଷଦର ସଦସ୍ୟ ମଦନ ମୋହନ ଧଳଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ଇ.ଏସ୍.ଆଇ ହିତାଧିକାରୀ ସଂଘର ପ୍ରତିନିଧି ମଣ୍ଡଳୀ ଆଜି ଚନ୍ଦ୍ରଶେଖରପୁର ଡାକ୍ତରଖାନାର ସମ୍ମିଳନୀ କକ୍ଷରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମସ୍ୟା ବିଶେଷ କରି ୧୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନାରେ ଆବଶ୍ୟକୀୟ ପରୀକ୍ଷା ଯନ୍ତ୍ର, ଅଲଟ୍ରାସାଉଣ୍ଡ, ଉଚ୍ଚକୋଟୀର ରକ୍ତ ପରୀକ୍ଷା ଯନ୍ତ୍ର ଠାରୁ ଆରମ୍ଭ କରି ଦନ୍ତ ତଥା ଚକ୍ଷୁର ପରୀକ୍ଷା ଯନ୍ତ୍ରର ଅଭାବ ଦ୍ୱାରା ହିତାଧିକାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅନେକ କର୍ପୋରେଟେ ଡାକ୍ତରଖାନା ଆଉ ଇ.ଏସ୍.ଆଇ.ସି. ହିତାଧିକାରୀମାନଙ୍କୁ ଚିକିତ୍ସା ଯୋଗାଇବାରୁ ଦୂରେଇ ରହୁଛନ୍ତି। ବିଶେଷ କରି ଦେଶର ଖଣି ଓ କୋଇଲା ଖଣିରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କୁ ଇଏସ୍‌ଆଇ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ହିତାଧିକାରୀଙ୍କ ସର୍ବୋଚ୍ଚ ଦରମା ସୀମା ଟ. ୨୧,୦୦୦ ଟଙ୍କା ରୁ ତୁରନ୍ତ ବୃଦ୍ଧି କରି ଟ. ୩୫,୦୦୦ ଟଙ୍କାକୁ ବଢ଼ାଇ ବର୍ତ୍ତମାନ ଚିକିତ୍ସାରୁ ବଞ୍ଚିତ ହେଉଥିବା ଗରୀବ ଠିକା ଶ୍ରମିକ ମାନଙ୍କୁ ଚିକିତ୍ସା ଯୋଗାଇବା ସମ୍ବନ୍ଧରେ ମଧ୍ୟ ଆଲୋଚନା କରିଥିଲେ। ଅନ୍ୟାନ୍ୟ ବିଷୟ ଯଥା - ପ୍ରବାସୀ ଶ୍ରମିକମାନଙ୍କୁ ପଞ୍ଜିକୃତ କରି ସେମାନଙ୍କ ତଥ୍ୟ ସଂଗ୍ରହ କରିବା ସହିତ ସେମାନଙ୍କୁ ବିଦେଶରେ ଉପଯୁକ୍ତ ସାମାଜିକ ସୁରକ୍ଷା ଯୋଗାଇବା ତଥା ବିଭିନ୍ନ ଅତ୍ୟାଚାରରୁ ବଂଚିତ କରାଇବ ଏବଂ ଦୀର୍ଘଦିନ ହେଲା ଜାତୀୟ ଶ୍ରମିକ ସମ୍ମିଳନୀ ଭାରତ ବର୍ଷରେ କରାଯାଇନଥିବାରୁ ଶ୍ରମିକ ସମସ୍ୟା ବଢୁଛି ଏବଂ ତୁରନ୍ତ କେନ୍ଦ୍ର ସରକାର ଜାତୀୟ ଶ୍ରମିକ ସମ୍ମିଳନୀ କରି ଦେଶର ଶ୍ରମିକ ମାନଙ୍କ ସମସ୍ୟାର ସମାଧାନ କରିବାକୁ ପ୍ରସ୍ତାବ ଦେଇଥିଲେ। ଉକ୍ତ ଆଲୋଚନାରେ ହିତାଧିକାରୀ ସଂଘର ସଭାପତି ଯୋଗେନ୍ଦ୍ର ବାରିକ, ଉପସଭାପତି ଅଭୟ ଶତପଥି, ଉପଦେଷ୍ଟା ସୁଶାନ୍ତ କର ପ୍ରଭୃତି ଉପସ୍ଥିତ ଥିବା ସହିତ ରାଜ୍ୟ ଅତିରିକ୍ତ ଶ୍ରମ ସଚୀବ ରାକେଶ ଅଗରୱାଲା, ଆଂଚଳିକ ନିର୍ଦ୍ଦେଶକ ସୁକାନ୍ତ କୁମାର ଦାସ, ମେଡ଼ିକାଲ ସୁପରିଟେଡେଣ୍ଟ ଶ୍ରୀକାନ୍ତ ଦେବତାଙ୍କ ସହ ଇଏସଆଇ ନିର୍ଦ୍ଦେଶକ ଶ୍ରୀ ଅଶୋକ ପଣ୍ଡା ମଧ୍ୟ ଉପସ୍ଥିତ ଥିଲେ ବୋଲି ଶ୍ରୀ ମଦନ ମୋହନ ଧଳ ପ୍ରକାଶ କରିଛନ୍ତି।

## ଶାନ୍ତି ଶୃଙ୍ଖଳାରେ ସୁଦର୍ଶନ ଦାରୁ ପୀଠରେ ନିର୍ମାଣଧିନ ଜଗନ୍ନାଥ ମନ୍ଦିରର ରତ୍ନ ମୁଦ କାର୍ଯ୍ୟ ଶେଷ



ବାଲିଅନ୍ତା,(ପି.ଏନ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ୍ ଅଧୀନସ୍ଥ ଉମାଦେଇବ୍ରହ୍ମପୁର ଗ୍ରାମପଞ୍ଚାୟତର ଗଡକାନ୍ତୁଣିଆ ହୀରାପୁର ଠାରେ ଶ୍ରୀ ସୁଦର୍ଶନ ଦାରୁପୀଠରେ ନିର୍ମାଣଧିନ ଜଗନ୍ନାଥ ମନ୍ଦିରର ରତ୍ନମୁଦା କାର୍ଯ୍ୟ ଶେଷ ହୋଇଅଛି । ୨୦୧୫ ମସିହା ନବକଳେବର ସମୟରେ ପ୍ରଥମେ ଏହି ପୀଠରୁ ସୁଦର୍ଶନଦାରୁ ଚିହ୍ନଟ ହୋଇ ଶ୍ରୀକ୍ଷେତ୍ରକୁ ସୁଦର୍ଶନ ବିଗ୍ରହ ନିମନ୍ତେ ଯାଇଥିଲା। ସେହି ଦିନଠାରୁ ଅଞ୍ଚଳର କିଛି ବରଦାନ ବ୍ୟକ୍ତି ଓ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କ୍ରମେ ଜଗନ୍ନାଥ ମନ୍ଦିର କାର୍ଯ୍ୟ ଚାଲୁ ରହିଛି । ଶୁକ୍ରବାର ପ୍ରାତଃକାଳରୁ ନବ ନିର୍ମିତ ମନ୍ଦିରର ନାଟ୍ୟ ମଣ୍ଡପରେ ହୋମ ଯଜ୍ଞ ସହିତ ପଣ୍ଡିତିତମାନଙ୍କ ମନ୍ତ୍ର ଧ୍ୱନିରେ ଆଖପାଖ ଅଞ୍ଚଳ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା । ଅପରାହ୍ନ ସମୟରେ ପ୍ରଥମେ କର୍ତ୍ତା ରାଧାନାଥ ଭୋଳ ଓ କୋଷାଧ୍ୟକ୍ଷ ଚକ୍ରଧର ନାୟକ ରତ୍ନ ଓ ଶସ୍ୟ ଏକ ପସରାରେ ନେଇ ମନ୍ଦିର ରତ୍ନମୁଦ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏହି ପବିତ୍ର କାର୍ଯ୍ୟରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁମାନେ ଆସିବା ସହିତ ମନ୍ଦିର ରତ୍ନମୁଦ ର ମୁଣ୍ଡି ମାରିବା ପାଇଁ ଧାନ, ଚାଉଳ ସମେତ ଅଷ୍ଟଧାତୁ ମଧ୍ୟ ଦାନ କରିଥିଲେ। ସମସ୍ତ କାର୍ଯ୍ୟ ଟ୍ରଷ୍ଟି ଅଶୋକ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମ୍ପାଦନ ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଭାପତି ରଞ୍ଜିତ କୁମାର ସାହୁ, ପୂର୍ବତନମନ୍ତ୍ରୀ ଅରବିନ୍ଦ ଢ଼ାଲି, ପୂର୍ବତନ ମନ୍ତ୍ରୀ ଶଶୀଭୂଷଣ ବେହେରା, ସତିଶ କୁମାର ମିଶ୍ର, ସମିତିସଭ୍ୟ ରଞ୍ଜନ କୁମାର ମହାପାତ୍ର, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ, ଶିକ୍ଷାବିତ୍ ବିଧୂଭୁଷଣ ପଟ୍ଟନାୟକ, ଲକ୍ଷ୍ମଣ ଜେନା, ପ୍ରିୟବ୍ରତ ପାତ୍ର, ସହଦେବ ସ୍ୱାଇଁ, ବ୍ରଜବନ୍ଧୁ ଠାକେରେ ଓ ବାମଦେବ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟରେ ସହଯୋଗ ଥିଲେ। ଏହି ପରିପ୍ରେକ୍ଷୀରେ ପୀଠରେ ନିର୍ମିତ ଶୌଚାଳୟକୁ ବାଲିଅନ୍ତା ବିଡ଼ିଓ ପବିତ୍ର କୁମାର ସାମଲ ଉଦ୍ଘାଟନ କରିଥିଲେ । ଅଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷାକରିବା ପାଇଁ ବ୍ୟବସ୍ଥା ସହ କମିଟି ପକ୍ଷରୁ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)



FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES for Std I to Std V

Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786

E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray